

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୩ ● ସଂଖ୍ୟା–୧୪୨ ● ୨୨ ଜୁନ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-142 ● 22nd June 2026, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27




## କୋଲକାତାର ରେଡ୍ ରୋଡ୍‌ରେ ଭବ୍ୟ ଅନ୍ତର୍ଜାତୀୟ ଯୋଗ ଦିବସ

# ଯୋଗ ମାନବ ଚେତନା ସହ ଯୋଡି ହେବାର ମାଧ୍ୟମ : ପ୍ରଧାନମନ୍ତ୍ରୀ

**କୋଲକାତା, ୨୧ ।୬**

କୋଲକାତାର ରେଡ୍ ରୋଡ୍‌ରେ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରବିବାର ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗାଭ୍ୟାସରେ ଅଂଶଗ୍ରହଣ କରିଥିଲେ। ତାଙ୍କ ସହିତ ପଶ୍ଚିମବଙ୍ଗର ରାଜ୍ୟପାଳ ଆର.ଏନ୍. ରବି, ରାଜ୍ୟ ସରକାରର ମନ୍ତ୍ରୀମାନେ, ବିଧାନସଭା ଅଧ୍ୟକ୍ଷ ରଥୀନ୍ଦ୍ରନାଥ ବସୁ, ବିଧାୟକ, ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍, ଯୋଗ ସାଧକ ଏବଂ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଆଗମନ ଏବଂ ଯୋଗ ଦିବସର ମୁଖ୍ୟ କାର୍ଯ୍ୟକ୍ରମକୁ ନେଇ ସମଗ୍ର ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ସକାଳେ ରେଡ୍ ରୋଡ୍ ପହଞ୍ଚି ମଞ୍ଚରୁ ଦେଶବାସୀଙ୍କୁ ଅନ୍ତର୍ଜାତୀୟ ଯୋଗ ଦିବସର ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ ୨୧ ଜୁନ୍ ବର୍ଷର ସବୁଠାରୁ ଦୀର୍ଘ ଦିନ, କିନ୍ତୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ଏହାର ଗୁରୁତ୍ୱ ଆହୁରି ବଢ଼ିଛି। ସେ ଆହୁରି କହିଥିଲେ ଯେ ଯୋଗ ସମସ୍ତଙ୍କୁ ଯୋଡ଼ିବାର ଏକ ମାଧ୍ୟମ ଏବଂ ଆଜି ୨୧ ଜୁନ୍ ସମଗ୍ର ବିଶ୍ୱର ଏକ ବଡ଼ ପର୍ବରେ ପରିଣତ ହୋଇଛି।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯୋଗ ଭାରତର ପ୍ରାଚୀନ ପରମ୍ପରା ହେଲେ ମଧ୍ୟ ଏହା ଏବେ ସମଗ୍ର ବିଶ୍ୱର ଜୀବନଶୈଳୀର ଅଂଶ ହେଉଛି। ସେ କହିଥିଲେ ଯେ ଭାରତରେ ହିମାଳୟରୁ ଭାରତ ମହାସାଗର ପର୍ଯ୍ୟନ୍ତ, ଉତ୍ତରପୂର୍ବ ଓ ବଙ୍ଗରୁ ପଶ୍ଚିମର ସୌରାଷ୍ଟ୍ର ପର୍ଯ୍ୟନ୍ତ ଯୋଗର ଶକ୍ତି ଦେଖାଯାଉଛି। ସେ କହିଥିଲେ ଯେ କୋଲକାତାରେ ଯୋଗ ଦିବସର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ତାଙ୍କ ପାଇଁ ଗୌରବର ବିଷୟ।

ସେ ପଶ୍ଚିମବଙ୍ଗର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟର ଉଲ୍ଲେଖ କରି କହିଥିଲେ ଯେ ଏହି ଭୂମି ଶ୍ରୀ ଅରବିନ୍ଦ, ସ୍ୱାମୀ ବିବେକାନନ୍ଦ ଓ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ଭୂମି। ଏହି ପବିତ୍ର ଭୂମିରେ ଯୋଗ ଦିବସର ଆୟୋଜନ ବିଶେଷ ମହତ୍ତ୍ୱ ରଖେ। ସେ ଶ୍ରୀ ଅରବିନ୍ଦଙ୍କ ଚିନ୍ତାଧାରାର ଉଲ୍ଲେଖ କରି କହିଥିଲେ ଯେ ସେ ନିଜ ଜୀବନକୁ ସମ୍ପୂର୍ଣ୍ଣ ଭାବେ ଯୋଗ ସହିତ ଯୋଡ଼ିଥିଲେ ଏବଂ ଯୋଗ ହେଉଛି ମାନବ ଚେତନା ସହ ଯୋଡି ହେବାର ମାଧ୍ୟମ ।

ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ରେଡ୍ ରୋଡ୍‌ରେ ସାମୂହିକ ଯୋଗାଭ୍ୟାସ ଆରମ୍ଭ ହୋଇଥିଲା। ଏହି ସମୟରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ *(ପୃଷ୍ଠା ୭ରେ)*

## ଚିଙ୍ଗୁଡ଼ି କାରଖାନାରେ ଗ୍ୟାସ୍ ଲିକ୍

# ୨ ଓଡ଼ିଆଙ୍କ ସମେତ ୭ ମୃତ, ୭୦ ଆକ୍ରାନ୍ତ

**ଚେନ୍ନାଇ, ୨୧ ।୬**

ତାମିଲନାଡୁର ତିରୁଭାଲୁର ଜିଲ୍ଲାର ପେରିୟାପାଲାୟମ୍ ନିକଟରେ ଥିବା ଏକ ବେସରକାରୀ ସାମୁଦ୍ରିକ ଖାଦ୍ୟ (ସି-ଫୁଡ୍) ପ୍ରକ୍ରିୟାକରଣ କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ହେବା ଯୋଗୁଁ ୭ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତକମାନଙ୍କ ମଧ୍ୟରେ ୨ଜଣ ଓଡ଼ିଆ ଥିବା ସୂଚନା ମିଳିଛି। ଓଡ଼ିଆ ମୃତକମାନେ ହେଲେ ଜୁମଣି ଜୁଆଙ୍ଗ ଏବଂ ମାଳତୀ। ୭୦ରୁ ଅଧିକ ଶ୍ରମିକମାନଙ୍କର ଚିକିତ୍ସା ଜାରି ରହିଛି। ତେବେ ଗୁରୁତର ଆହତମାନଙ୍କ ମଧ୍ୟରେ କେତେ ଜଣ ଓଡ଼ିଆ ଶ୍ରମିକ ଅଛନ୍ତି, ସେନେଇ ଜଣାପଡ଼ି ନାହିଁ। ସ୍ଥାନୀୟ ପ୍ରଶାସନ ଗଣମାଧ୍ୟମକୁ ଏହି ସୂଚନା ଦେଇଛି। ଏହି ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସି ଶତାଧିକ ଶ୍ରମିକ ଅସୁସ୍ଥ ହୋଇ ପଡ଼ିଥିବା ବେଳେ ସେମାନଙ୍କୁ ଜରୁରୀକାଳୀନ ଚିକିତ୍ସା ପାଇଁ ନିକଟସ୍ଥ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ତେବେ କାରଖାନାରେ ୩୦୦ରୁ ଅଧିକ ଶ୍ରମିକ କାମ କରୁଥିବା ବେଳେ ଦୁର୍ଘଟଣା ସମୟରେ ୧୦୦ ରୁ ଅଧିକ ଶ୍ରମିକ କାର୍ଯ୍ୟରତ ଥିଲେ। ଗ୍ୟାସ୍ ଲିକ୍ ହେବା ମାତ୍ରେ ସେଠାରେ ଶ୍ରମିକମାନେ *(ପୃଷ୍ଠା ୭ରେ)*



## ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଶୋକ : ୩ ବରିଷ୍ଠ ଅଧିକାରୀଙ୍କ ତାମିଲନାଡୁ ଗସ୍ତ

**ଭୁବନେଶ୍ୱର, ୨୧ ।୬**
**ନ୍ୟୁଜ୍ ବ୍ୟୁରୋ**

ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣା ବିଷୟରେ ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଘଟଣାରେ ସେ ଅତ୍ୟନ୍ତ ମର୍ମାହତ। ଏହି ଦୁଃଖଦ ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ଆହତ ଓଡ଼ିଆ *(ପୃଷ୍ଠା ୭ରେ)*

## ଝାରସୁଗୁଡ଼ାରେ ଭୟଙ୍କର ଘୂର୍ଣ୍ଣିଝଡ଼

**ଝାରସୁଗୁଡା, ୨୧ ।୬**
**ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଲଖନପୁର ବ୍ଲକ କୁଶ୍ରାଲୋଇ ପଞ୍ଚାୟତରେ କୋଲ ଗେସିଫିକେସନ ଏମୋନିୟମ ନାଇଟ୍ରେଟ ପ୍ରକଳ୍ପର ଶିଳାନ୍ୟାସ ବେଳେ ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳିଥିଲା। ଏକ ଘୂର୍ଣ୍ଣିଝଡ଼ ସେଠାରେ ଆରମ୍ଭ ହୋଇ ଭୟଙ୍କର ରୂପ ନେଇଥିଲା। ମଞ୍ଚ ପାଖରେ ଥିବା ପୁଲିସ ଏଡ ପୋଷ୍ଟକୁ ଉଡ଼ାଇ ନେଇଥିଲା। ଏହାକୁ ନେଇ ଲୋକେ ବିକାଶ ନାରା ଦେଇ କରି ଆମର ଲଖନପୁର ବ୍ଲକର ଅଞ୍ଚଳକୁ ବିନାଶର ଆଉ ଗୁଟେ ପାଉଁଚକୁ ଠେଲବାର ପ୍ରୟାସକୁ ପ୍ରକୃତି ବି ସହିଲା ନାହିଁ କହିଥିଲେ।

## ଡିଜିଟାଇଜେସନ କେନ୍ଦ୍ର ପରିଦର୍ଶନ କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

**ଭୁବନେଶ୍ୱର, ୨୧ ।୬**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଚାଲିଥିବା ମତଦାତା ସୂଚୀର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ଡିଜିଟାଇଜେସନ କେନ୍ଦ୍ର ପରିଦର୍ଶନ କରିଛନ୍ତି। କ୍ଷେତ୍ର ସ୍ତରରେ ଚାଲିଥିବା ତଥ୍ୟ ସଂଗ୍ରହ ଓ ଏହାର କମ୍ପ୍ୟୁଟରୀକରଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିବା ସହ ବାକି ରହିଥିବା କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସମୀକ୍ଷା ସମୟରେ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଚାଲିଥିବା ଏହି ସଂଶୋଧନ ପ୍ରକ୍ରିୟା ଏକ ସକାରାତ୍ମକ ଦିଗରେ ଗତି କରୁଛି। ରବିବାର ସୁଦ୍ଧା ରାଜ୍ୟରେ ସର୍ବମୋଟ ୯୯.୭୫ ପ୍ରତିଶତ ଅର୍ଥାତ ୩କୋଟି ୩୩ଲକ୍ଷ ୧୫ହଜାର ୮୯୭ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି।

# ୨୨ ଲକ୍ଷ ଛାତ୍ରଛାତ୍ରୀ ନିଟ୍ ପୁନଃପରୀକ୍ଷା ଦେଲେ

**ନୂଆଦିଲ୍ଲୀ, ୨୧ ।୬**

ରବିବାର ଲକ୍ଷ ଲକ୍ଷ ଡାକ୍ତରୀ ଆଶାୟୀ ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍) ପୁନଃପରୀକ୍ଷା ପାଇଁ ହାଜର ହୋଇଥିଲେ। ଏହା କେବଳ ସେମାନଙ୍କ ପାଇଁ ନୁହେଁ ବରଂ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏବଂ କେନ୍ଦ୍ର ପାଇଁ ମଧ୍ୟ ଏକ ପରୀକ୍ଷା ଥିଲା। ମେ ମାସରେ ପେପର ଲିକ୍ ହେବା ପରେ ବିଶ୍ୱାସ ପୁନଃନିର୍ମାଣ ପାଇଁ ସମସ୍ତ ପ୍ରତିବନ୍ଧକକୁ ଏଡ଼ାଇବାକୁ ଚେଷ୍ଟା କରାଯାଇଛି। ଅପରାହ୍ଣ ୨ଟାରୁ ୫ଟା ୧୫ ପର୍ଯ୍ୟନ୍ତ ପୁନଃପରୀକ୍ଷା କରାଯାଇଥିଲା। ପ୍ରାୟ ୨୨ ଲକ୍ଷ ପରୀକ୍ଷାର୍ଥୀ ୫,୪୪୦ଟି କେନ୍ଦ୍ରରେ ପରୀକ୍ଷା ଦେଇଥିଲେ।

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଛାତ୍ରମାନଙ୍କୁ ସେମାନଙ୍କର ଆଡମିଟ୍ କାର୍ଡ, ଏକ ବୈଧ ଫଟୋ ପରିଚୟ ପତ୍ର ଏବଂ ଦୁଇଟି ପାସପୋର୍ଟ ଆକାରର ଫଟୋଗ୍ରାଫ୍ ସହିତ ସକାଳ ୧୧ଟାରୁ ଅପରାହ୍ଣ ୧ଟା ୩୦ ମଧ୍ୟରେ ସେମାନଙ୍କ କେନ୍ଦ୍ରରେ ରିପୋର୍ଟ କରିବାକୁ କୁହାଯାଇଥିଲା। ପ୍ରଶ୍ନପତ୍ରଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଭାରତୀୟ ବାୟୁସେନା ଦ୍ୱାରା ସେଗୁଡ଼ିକୁ ବିମାନ ଯୋଗେ ପରିବହନ କରାଯାଇଥିଲା। ପରୀକ୍ଷା ଦିନ ସବୁକିଛି ସୁରୁଖୁରୁରେ ଚାଲିବାକୁ ନିଶ୍ଚିତ କରିବାକୁ ଏନଟିଏ ମଧ୍ୟ ଶନିବାର ଦେଶବ୍ୟାପୀ ମକ୍ ଡ୍ରିଲ୍ କରିଥିଲା।



ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କର୍ତ୍ତୃପକ୍ଷଙ୍କୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଭାରତର ୫୫୧ଟି ସହର ଏବଂ ବିଦେଶରେ ୧୪ଟି କେନ୍ଦ୍ରରେ ଇଂରାଜୀ ଓ ୧୨ଟି ଭାରତୀୟ ଭାଷାରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ୯୫,୦୦୦ରୁ ଊର୍ଦ୍ଧ୍ୱ ପରୀକ୍ଷା କକ୍ଷରେ ସିସିଟିଭି କ୍ୟାମେରା ଲଗାଯାଇଥିଲା। ସମୁଦାୟ ୧,୩୮,୫୬୦ ସିସିଟିଭି କ୍ୟାମେରା ଲଗାଯାଇଥିଲା, ଯେଉଁଥିରେ ଜାତୀୟ, ରାଜ୍ୟ ଓ ମନ୍ତ୍ରଣାଳୟ ସ୍ତରରେ ଭର୍ଚ୍ୟୁଆଲ୍ ଭାବରେ ନଜର ରଖାଯାଇଥିଲା। ଇଲେକ୍ଟ୍ରୋନିକ୍ ତ୍ରୁଟିକୁ ରୋକିବା ପାଇଁ ୫୧,୩୧୧ ଜାମର୍ ନିୟୋଜିତ କରାଯାଇଥିଲା ବୋଲି ଏଜେନ୍ସି ଏକ ବିବୃତ୍ତିରେ କହିଛି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ହାରାହାରି ୪୦ରୁ ୫୦ *(ପୃଷ୍ଠା ୭ରେ)*

## କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ

# ଯୋଗ ନିରୋଗ ଜୀବନଯାପନର ଏକ ସମ୍ପୂର୍ଣ୍ଣ ବିଜ୍ଞାନ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୧ ।୬**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗକୁ ଶାରୀରିକ, ବୌଦ୍ଧିକ ଓ ଆଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ ଭାବେ ଅଭିହିତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୋଗ କୌଣସି ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ସୀମିତ ନୁହେଁ, ବରଂ ମାନବ ଚେତନାର ବିକାଶ ପାଇଁ ଏକ ବିଶ୍ୱବ୍ୟାପୀ ଅମୂଲ୍ୟ ଉପହାର।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଯୋଗ ବିଶ୍ୱ ସ୍ତରରେ ସ୍ୱୀକୃତି ଲାଭ କରି ଭାରତର ସାଂସ୍କୃତିକ ଗୌରବକୁ ପ୍ରତିଷ୍ଠିତ କରିଛି ବୋଲି ସେ ପ୍ରକାଶ କରିଛନ୍ତି।



ଚଳିତ ବର୍ଷ ଯୋଗ ଦିବସର ବିଷୟବସ୍ତୁ ' ଯୋଗ ଫର ହେଲଦି ଏଜିଂ ' ବା 'ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ'। ଏହା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବୟସ ବଢ଼ିବା ସହିତ ଶରୀରରେ ଦେଖାଦେଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ଆହ୍ୱାନ, ଯେପରିକି ଉଚ୍ଚ ରକ୍ତଚାପ, ମଧୁମେହ, ଚିନ୍ତା ଓ ଏକାକୀପଣର ସହଜ ସମାଧାନ ଯୋଗ ଏବଂ ପ୍ରାଣାୟାମ ମାଧ୍ୟମରେ ସମ୍ଭବ। ରାଜ୍ୟର ବୟୋଜ୍ୟେଷ୍ଠ ନାଗରିକମାନଙ୍କ ସୁସ୍ଥତା ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସେହିପରି ଆଜିର ଡିଜିଟାଲ ଯୁଗରେ ମୋବାଇଲ ଓ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ଯୁବପିଢ଼ିଙ୍କୁ ମାନସିକ ଚାପମୁକ୍ତ ରହିବା ପାଇଁ ପ୍ରତିଦିନ ଅତିକମରେ ୨୦ ରୁ ୩୦ ମିନିଟ୍ ଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଏବଂ ପ୍ରାଚୀନ ଚିକିତ୍ସା *(ପୃଷ୍ଠା ୭ରେ)*

## ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ ପାଇଁ ଟ୍ରମ୍ପଙ୍କ ଚେତାବନୀ

**ୱାଶିଂଟନ, ୨୧ ।୬**

ଆମେରିକା ଓ ଇରାନ ମଧ୍ୟରେ ସ୍ୱିଜରଲ୍ୟାଣ୍ଡରେ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଆଲୋଚନା ଆରମ୍ଭ ହୋଇଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହେରାନକୁ ଏକ କଠୋର ଚେତାବନୀ ଦେଇଛନ୍ତି। ଆମେରିକା ପକ୍ଷରୁ କରାଯାଇଥିବା ସାମରିକ ଆକ୍ରମଣ କଥା ମନେ ପକାଇ ଦେଇ ଟ୍ରମ୍ପ କହିଛନ୍ତି ଯେ, ଯଦି ଇରାନ ଲେବାନନରେ ସକ୍ରିୟ ଥିବା ନିଜର ପ୍ରକ୍ସି ସଙ୍ଗଠନ, ବିଶେଷ କରି 'ହେଜବୁଲ୍ଲା'କୁ ନିୟନ୍ତ୍ରଣ ନକରେ, ତେବେ ପୁଣି ଥରେ ଆକ୍ରମଣର ସାମ୍ନା କରିବାକୁ ପଡ଼ିବ ଏବଂ ଏହି ଆକ୍ରମଣ ପୂର୍ବ ଅପେକ୍ଷା ଅଧିକ ଭୟାବହ ହେବ।

# ଅନୁପ୍ରବେଶକାରୀଙ୍କୁ ବାଂଲାଦେଶ ତଡ଼ିବା ବେଳେ ସୀମାରେ ଉତ୍ତେଜନା

**ମାଲଦା, ୨୧ ।୬**

ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ମାଲଦାରେ କିଛି ବାଂଲାଦେଶୀ ନାଗରିକଙ୍କୁ ବାଂଲାଦେଶକୁ ପଠାଇବାକୁ ଚେଷ୍ଟା କରିବା ବେଳେ ଉତ୍ତେଜନା ଦେଖା ଦେଇଥିଲା। ବର୍ଡର ଗାର୍ଡ ବାଂଲାଦେଶ (ବିଜିବି) ଓ ଅନେକ ବାଂଲାଦେଶୀ ନାଗରିକ ଏହି କାର୍ଯ୍ୟରେ ବିଏସ୍ଏଫ୍‌କୁ ବାଧା ଦେଇଥିଲେ ଯାହା ଏକ ବଡ଼ ବିବାଦ ସୃଷ୍ଟି କରିଥିଲା।

ଏହି ଘଟଣା ସୀମାନ୍ତ ଜିଲ୍ଲାର ବାସିନ୍ଦାଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଛି ଏବଂ ରାଜନୈତିକ ମହଲରୁ ମଧ୍ୟ ପ୍ରତିକ୍ରିୟା ଆସିଛି।



ସୁଖଦେବପୁର ଗ୍ରାମର ବାସିନ୍ଦା ପୀୟୂଷ ମଣ୍ଡଳଙ୍କ କହିବା ଅନୁଯାୟୀ, ପ୍ରାୟ ପାଞ୍ଚରୁ ସାତ ହଜାର ବାଂଲାଦେଶୀ ନାଗରିକ ଜିରୋ ଲାଇନରେ ହଙ୍ଗାମା କରିବାକୁ ଚେଷ୍ଟା କରିଥିଲେ। ଆମେ ଏହା ମଧ୍ୟ ଜାଣିବାକୁ ପାଇଲୁ ଯେ, ପ୍ରାୟ ୧୫ ଜଣ ବାଂଲାଦେଶୀ ନାଗରିକ ଗାଁ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ, ଯାହାକୁ ବିଏସ୍ଏଫ୍ ଅଟକାଇଥିଲା।

ଚପଳା ମଣ୍ଡଳ ନାମକ ଅନ୍ୟ ଜଣେ ମହିଳା କହିଛନ୍ତି, ଏହି ବାଂଲାଦେଶୀ ନାଗରିକମାନେ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ ଏବଂ ଗ୍ରାମବାସୀମାନେ ବିଏସ୍ଏଫ୍ ସହାୟତାରେ ପ୍ରତିରୋଧ କରିଥିଲେ। ଏହି ଲୋକମାନେ ଆମ ଦେଶରେ ପ୍ରବେଶ କରି ମହିଳା ଓ ଶିଶୁମାନଙ୍କୁ ନିର୍ଯାତନା ଦିଅନ୍ତି। ଆମେ ତୁରନ୍ତ ସୀମା ବାଡ଼ ଦାବି କରୁଛୁ ଯାହା ଏଭଳି ଘଟଣାକୁ ରୋକିପାରିବ। ଉତ୍ତେଜନା *(ପୃଷ୍ଠା ୭ରେ)*




## ଏକାଳ ପଖାଳ



ଧରମ ରାଇଜେ ରହିଣ ଆମେ
ଅଧରମ କରୁ ଆଜି
ଭୂତ ପିଶାଚ ବି ସରମି ଯାଆନ୍ତି
ଦେଖି ଆମ କୀର୍ତ୍ତି ରାଜି
ରାଜ୍ୟ ଅପରାଧେ ହୁଏ ଭାଜି
କାହାକୁ କହିବା କିଏ ସେ ଶୁଣିବ
ମନହେଉଥାଏ ହେଜି।

# ଋଷିଆରୁ ଭାରତର ଅଶୋଧିତ ତୈଳ ଆମଦାନୀରେ ରେକର୍ଡ



**ନୂଆଦିଲ୍ଲୀ, ୨୧ ।୬**

ମଧ୍ୟପ୍ରାଚ୍ୟରୁ ତୈଳ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ହେବା ପୂର୍ବରୁ ଭାରତୀୟ ରିଫାଇନିଂ କମ୍ପାନୀଗୁଡ଼ିକ ରୁଷିଆରୁ ଅଶୋଧିତ ତୈଳ ଆମଦାନୀକୁ ବେଶ୍ ବୃଦ୍ଧି କରିଛନ୍ତି। ସାମୁଦ୍ରିକ ଗୋଇନ୍ଦା ସଂସ୍ଥା ''କେପ୍ଲର'' ରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଜୁନ୍ ୧ ରୁ ୧୯ ତାରିଖ ମଧ୍ୟରେ ଭାରତ ରୁଷିଆରୁ ଦୈନିକ ହାରାହାରି ୨୬.୬ ଲକ୍ଷ ବ୍ୟାରେଲ୍ ଅଶୋଧିତ ତୈଳ ଆମଦାନୀ କରିଛି, ଯାହା ମେ' ମାସର ଦୈନିକ ୧୯.୧ ଲକ୍ଷ ବ୍ୟାରେଲ୍ ତୁଳନାରେ ଯଥେଷ୍ଟ ଅଧିକ। ଏହି ବୃଦ୍ଧି ସହ ଭାରତର ସବୁଠାରୁ ବଡ଼ ତୈଳ ଯୋଗାଣକାରୀ ଦେଶ ଭାବେ ରୁଷିଆ ନିଜର ସ୍ଥିତିକୁ ଆହୁରି ମଜବୁତ କରିଛି। ଅନ୍ୟପଟେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରୁ ମଧ୍ୟ ଆମଦାନୀ ଅପେକ୍ଷାକୃତ ଅଧିକ ରହିଥିବା ବେଳେ ଜୁନ୍ ମାସରେ ଦୈନିକ ୬.୩୬ ଲକ୍ଷ ବ୍ୟାରେଲ୍ ତେଲ ଆମଦାନୀ ହୋଇଛି। ଏହା ପଛକୁ ସାଉଦି ଆରବ ଦୈନିକ ୩.୮୪ ଲକ୍ଷ ବ୍ୟାରେଲ୍ ସହ ତୃତୀୟ ଏବଂ ଭେନେଜୁଏଲା ଦୈନିକ ୨.୦୯ ଲକ୍ଷ ବ୍ୟାରେଲ୍ ସହ ଚତୁର୍ଥ ବୃହତ୍ତମ ଯୋଗାଣକାରୀ ଦେଶ ଭାବେ ଉଭା ହୋଇଛି, ଯଦିଓ ଆମେରିକାରୁ ଆମଦାନୀ ହ୍ରାସ ପାଇ ଦୈନିକ ୯୧,୦୦୦ ବ୍ୟାରେଲ୍‌ରେ ପହଞ୍ଚିଛି। ଆମେରିକା ଓ ଇସ୍ରାଏଲର ଆକ୍ରମଣ *(ପୃଷ୍ଠା ୭ରେ)*

# ନୌସେନାରେ ସାମିଲ ହେବ ୩ ଜାହାଜ

**ନୂଆଦିଲ୍ଲୀ, ୨୧ ।୬**

ଭାରତୀୟ ନୌସେନାରେ ୩ଟି ନୂଆ ଜାହାଜ ସାମିଲ ହେବାକୁ ଯାଉଛି। ଭାରତରେ ନିର୍ମିତ ଏହି ୩ଟି ନୂଆ ଜାହାଜର ଜଳାବତରଣ ୨୧ ତାରିଖରେ କଲକାତାର ଶ୍ୟାମା ପ୍ରସାଦ ମୁଖାର୍ଜୀ ବନ୍ଦରରେ ହେବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପସ୍ଥିତ ରହିବେ। ଏହି ୩ଟି ଜାହାଜର ନାମ ଆଇଏନଏସ୍ ଦୁନାଗିରି, ଆଇଏନଏସ୍ ସଂଶୋଧକ ଓ ଆଇଏନ୍ଏସ ଆଗ୍ରେ ବୋଲି ଜଣାପଡ଼ିଛି। ଜାହାଜ ନିର୍ମାଣ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ କଲକାତାର ଗାର୍ଡେନ ରିଚ୍ ସିପ୍ ବିଲଡର୍ସ ଆଣ୍ଡ ଇଞ୍ଜିନିୟର୍ସ ସଂସ୍ଥା ତରଫରୁ ଏହି ୩ଟି ଜାହାଜ ନିର୍ମାଣ କରାଯାଇଛି। ଆଇଏନ୍ଏସ ଦୁନାଗିରି ପ୍ରୋଜେକ୍ଟ ୧୭ଏ ସିରିଜର ୫ମ ଜାହାଜ। ଏହି ଜାହାଜରେ ବ୍ରହ୍ମୋସ କ୍ରୁଜ୍ କ୍ଷେପଣାସ୍ତ୍ର ସହ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ରହିଛି। ଆଇଏନ୍ଏସ ସଂଶୋଧକ ସମୁଦ୍ର ଗର୍ଭରେ ସର୍ଭେ କରିବାକୁ ଉଦ୍ଦିଷ୍ଟ ଯାହାକି ପରବର୍ତ୍ତୀ ସମୟରେ ସେନାର କାର୍ଯ୍ୟରେ ଲାଗି ପାରିବ। ଆଇଏନଏସ୍ ଆଗ୍ରେ ସମୁଦ୍ର ଗର୍ଭରେ ଥିବା ବୁଡ଼ା ଜାହାଜକୁ ଖୋଜି ତାହାକୁ ନଷ୍ଟ କରିବାରେ ସିଦ୍ଧହସ୍ତ ବୋଲି ଜଣାପଡ଼ିଛି।





# ପୋଖରୀ ଖୋଳାରେ ଅନିୟମିତତା ଅଭିଯୋଗ : ଗ୍ରାମବାସୀଙ୍କ ଅସନ୍ତୋଷ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ବିକଶିତ ଗାଁ ଓ ବିକଶିତ ଓଡ଼ିଶାର ନାରା ଭିତରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକରୁ ଆସିଛି ସରକାରୀ ଅର୍ଥ ହରିଲୁଟ୍‌ର ଏକ ସଂଗୀନ ଅଭିଯୋଗ। ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମରେ ପୋଖରୀ ନବୀକରଣ ନାଁରେ କୋଟି କୋଟି ଟଙ୍କାର ଅନୁଦାନକୁ ପାଣି ଭଳି ବୁହାଇ ଦିଆଯାଉଥିବା ବେଳେ କାମରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ରେ ମହେଶ୍ୱରପୁର ଗ୍ରାମର ପୋଖରୀ ନବୀକରଣ ଏବଂ ପୁନଃଉଦ୍ଧାର ପାଇଁ ୫ ଲକ୍ଷ ୫୬ ହଜାର ୮୦୮ ଟଙ୍କା ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟର କାର୍ଯ୍ୟାଦେଶ ଖୋଦ ଚମ୍ପୁଆ ପଞ୍ଚାୟତ ସମିତି ନାମରେ ରହିଛି। କିନ୍ତୁ ପୋଖରୀ ନବୀକରଣର କୌଣସି ବାସ୍ତବ ଚିତ୍ର ଭୂମି ସ୍ତରରେ ଦେଖିବାକୁ ମିଳୁନାହିଁ। ନିୟମ ଅନୁସାରେ ପୋଖରୀର ମାଟି ସଠିକ୍ ସାଇଜରେ ଖୋଳାଯିବା କଥା, କିନ୍ତୁ ଏଠାରେ ଜେସିବି ମେସିନ ଲଗାଇ ଏପଟ ସେପଟ ରାମ୍ପି ଦେଇ କାମ ଶେଷ କରିଦିଆଯାଇଛି। ପୋଖରୀ ଭିତରୁ ବାହାରିଥିବା ପଙ୍କ ଓ ମାଟିକୁ ବାହାରକୁ ନପଠାଇ କେବଳ ପୋଖରୀ ଭିତରେ ହିଁ ଖେଳେଇ ଦିଆଯାଇଛି। ଏପରିକି ପୋଖରୀ ହୁଡ଼ାରେ କୌଣସି ନୂଆ ମାଟି ଦିଆଯାଇନାହିଁ କିମ୍ବା ଲୋକଙ୍କ ଗାଧୋଇବା ପାଇଁ କୌଣସି ତୁଠ କିମ୍ବା ପୋଖରୀ ହୁଡ଼ାର ମାଟି ଧୋଇ ନ ଯିବା ପାଇଁ କୌଣସି ଗାର୍ଡୱାଲ୍ ନିର୍ମାଣ କରାଯାଇ ନାହିଁ। ମହେଶ୍ୱରପୁର ଗ୍ରାମବାସୀଙ୍କ ବାହାଘର, ଶୁଦ୍ଧିକ୍ରିୟା ଠାରୁ ଆରମ୍ଭ କରି ସମସ୍ତ ଭଲମନ୍ଦ କାର୍ଯ୍ୟ ପାଇଁ ଏହି ପୋଖରୀଟି ହିଁ ଏକମାତ୍ର ଭରସା। କିନ୍ତୁ, ଏହି ଅଧାପନ୍ତରିଆ ଓ ଦାୟିତ୍ୱହୀନ କାମ ଯୋଗୁଁ ପୋଖରୀଟି ଏବେ ଏକ ମରଣଯନ୍ତାରେ ପରିଣତ ହୋଇଛି। ପଙ୍କ ମାଟିଗୁଡ଼ିକୁ ସଠିକ୍ ଭାବେ ବାହାର କରାଯାଇ ନଥିବାରୁ, ସାଧାରଣ ବର୍ଷାରେ ଏହି ମାଟି ସବୁ ଧୋଇ ହୋଇ ପୋଖରୀ ଭିତରକୁ ପଶିଯିବ। ଏଭଳି ସ୍ଥିତିରେ ଛୋଟ ପିଲା କିମ୍ବା ବୃଦ୍ଧବୃଦ୍ଧା ପୋଖରୀକୁ ଗଲେ ପଙ୍କରେ ବୁଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି। 'ପୂର୍ବରୁ ଯାହା ଥିଲା ଭଲ ଥିଲା, ହେଲେ ଏବେ ପୁନଃଉଦ୍ଧାର ନାଁରେ ପୋଖରୀକୁ ନଷ୍ଟ କରିଦିଆଯାଇଛି' ବୋଲି ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି। କାର୍ଯ୍ୟ ଚାଲିଥିବା ସମୟରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁନଥିବାରୁ ଏପରି କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। 'ତୋର ଅଧେକୁ ମୋର ଅଧେ' ନୀତି ଆପଣାଇ ବିଭାଗୀୟ ଉଚ୍ଚ ପଦାଧିକାରୀ ଓ ଠିକାଦାର ମିଶି ସରକାରୀ ଟଙ୍କା ଆତ୍ମସାତ୍ କରିବାକୁ ପ୍ରୟାସ କରୁଥିବା ମଧ୍ୟ ଗ୍ରାମବାସୀ ସିଧାସଳଖ ଅଭିଯୋଗ ଆଣିଛନ୍ତି।

ଏ ସମ୍ପର୍କରେ ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କୁ ଯୋଗାଯୋଗ କରିବାରୁ କ'ଣ ହୋଇଛି ବୁଝିବି ବୋଲି କହିଥିଲେ। ଆଗକୁ ବର୍ଷା ଦିନ ଆସିଲାଣି, ବନ୍ଧରେ ପାଣି ନିଷ୍କାସନ ପାଇଁ କରାଯାଇଥିବା ଘାଇକୁ ମଧ୍ୟ ବନ୍ଦ କରି ଦିଆଯାଇଛି। ବର୍ଷା ହେଲେ ବନ୍ଧରେ ପାଣି ଜମି ଯିବ। ତେଣୁ ଏହି ସମ୍ବେଦନଶୀଳ ଘଟଣା ପ୍ରତି ଜିଲ୍ଲା ପ୍ରଶାସନ ଓ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ତଦନ୍ତ କରିବା ସହ କାର୍ଯ୍ୟର ସଠିକ୍ ରୂପାୟନ କରିବାକୁ ମହେଶ୍ୱରପୁର ଗ୍ରାମବାସୀ ଦାବି କରିଛନ୍ତି।

## ଖାଲଖମାରେ ହଜିଗଲା ଝାରସୁଗୁଡ଼ା-ଧୁତରା ରାସ୍ତା

# ସ୍ଥାୟୀ ଭାବେ ରାସ୍ତା ନିର୍ମାଣ କରିବାକୁ ଦାବି କଲେ ଅଞ୍ଚଳବାସୀ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସଂଯୋଗକାରୀ ସଡ଼କ ଝାରସୁଗୁଡ଼ା-ଧୁତରା ରାସ୍ତା ଏବେ ଚରମ ଅବ୍ୟବସ୍ଥା ଓ ଅବହେଳାର ଶିକାର ହୋଇପଡ଼ିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲାପାଳ କାର୍ଯ୍ୟାଳୟ, ଏସପି ଅଫିସ, ବିଭିନ୍ନ ବ୍ୟାଙ୍କ ଓ ପ୍ରମୁଖ ସରକାରୀ ପ୍ରତିଷ୍ଠାନକୁ ସଂଯୋଗ କରୁଥିବା ଏହି ରାସ୍ତାର ଦୁର୍ଦ୍ଦଶା ଏବେ ସାଧାରଣ ଲୋକଙ୍କ ପାଇଁ ଦୈନନ୍ଦିନ ଯନ୍ତ୍ରଣାର କାରଣ ପାଲଟିଛି। ତଥାପି ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତ ବିଭାଗର ନୀରବତାକୁ ନେଇ ଜନଅସନ୍ତୋଷ ଦିନକୁ ଦିନ ବଢ଼ୁଛି।

ଦକ୍ଷିଣ-ପୂର୍ବ ରେଳପଥର ଚତୁର୍ଥ ରେଳଲାଇନ୍ ନିର୍ମାଣ କାର୍ଯ୍ୟ ସହିତ ଅଞ୍ଚଳର ବିଭିନ୍ନ ଶିଳ୍ପାନୁଷ୍ଠାନର ଶତାଧିକ ଭାରୀ ଟିପ୍ପର, ହାଇୱା, ସିମେଣ୍ଟ ବୋଝେଇ ଗାଡ଼ି ଏବଂ ଆଇଓସିଏଲ୍ ଟ୍ୟାଙ୍କର ଦିନରାତି ଏହି ରାସ୍ତାରେ ଚଳାଚଳ କରୁଛି। ଫଳରେ ସମ୍ପୂର୍ଣ୍ଣ ରାସ୍ତା ବଡ଼ ବଡ଼ ଖାଲଖମାରେ ପରିଣତ ହୋଇଥିବାବେଳେ ଯାତାୟାତ ଅତ୍ୟନ୍ତ ବିପଦଜନକ ହୋଇପଡ଼ିଛି। ରାସ୍ତାର ଅବସ୍ଥା ଏପରି ଯେ, ଗାଡ଼ି ଚଳାଇବା ତ ଦୂରର କଥା, ପାଦଚାରୀଙ୍କ ପାଇଁ ମଧ୍ୟ ଏହା ମୃତ୍ୟୁଫାନ୍ଦ ସଦୃଶ ହୋଇଯାଇଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ, ରାସ୍ତାର ଏଭଳି ଶୋଚନୀୟ ସ୍ଥିତି ବିଷୟରେ ବାରମ୍ବାର ପ୍ରଶାସନ ଓ ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କେବଳ ଆଶ୍ୱାସନ ଛଡ଼ା ଆଉ କିଛି ମିଳିନାହିଁ। ପ୍ରଶ୍ନ ଉଠୁଛି, ଜିଲ୍ଲାର ଏତେ ଗୁରୁତ୍ୱପୂର୍ଣ୍ଣ ସଡ଼କର ଦୁର୍ଦ୍ଦଶା ଯଦି ମାସ ମାସ ଧରି ଏପରି ଜାରି ରହେ, ତେବେ ସମ୍ପୃକ୍ତ ବିଭାଗ କ'ଣ କରୁଛି ? ଏକ ବଡ଼ ଧରଣର ଦୁର୍ଘଟଣା ଘଟିବା ପରେ ହିଁ କି ପ୍ରଶାସନର ନିଦ ଭାଙ୍ଗିବ ? ଏହି ରାସ୍ତା ଉପରେ ଧୁତରା, ଅର୍ଡ଼ା, ସାରସମାଲ ସମେତ ଅନେକ ଗ୍ରାମର ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ରାସ୍ତାର ଅବସ୍ଥା ସେମାନଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଛି। ଯାତ୍ରୀବାହୀ ବସ, ସ୍କୁଲ ଛାତ୍ରଛାତ୍ରୀ, ରୋଗୀବାହୀ ଆମ୍ବୁଲାନ୍ସ ଏବଂ ସାଧାରଣ ଯାତ୍ରୀ ପ୍ରତିଦିନ ଜୀବନକୁ ବାଜି ଲଗାଇ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ଅର୍ଡ଼ା ସରପଞ୍ଚ ବୀଣାପାଣି ପୋଢ଼, ଗୋପାଳ କଳାର, ଦୁଃଖବନ୍ଧୁ ବାଘ, ମହେନ୍ଦ୍ର ବେହେରା, ସନ୍ତୋଷ ବାଘଙ୍କ ସମେତ ଅଞ୍ଚଳବାସୀ ତୁରନ୍ତ ସ୍ଥାୟୀ ଭାବେ ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଦୃଢ଼ ଦାବି କରିଛନ୍ତି।

# ଅପହରଣ ମାମଲାରେ ୪ ଅଭିଯୁକ୍ତ ଗିରଫ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

କେ. ନୂଆଗାଁ ଥାନା ପୁଲିସ ଅପହରଣ ଅଭିଯୋଗରେ ୪ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ନିଗମ ଗୌଡ଼, ଶଙ୍କର ଗୌଡ଼, ସଂଗ୍ରାମ ପାଣିଗ୍ରାହୀ ଓ ଅମରନାଥ ସାହୁ। ସେମାନଙ୍କ ଠାରୁ ଗୋଟିଏ ଛୁରୀ, ଦୁଇଟି ବାଇକ୍ ଓ ଚାରିଟି ମୋବାଇଲ ଜବତ ହୋଇଛି। ଗତ ସନ୍ଧ୍ୟାରେ ଧାନଘର ଛକରେ ବିଜୟ ବିଷୋଇ ବସ୍ ଧରିବାକୁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ବିଜୟଙ୍କୁ ମାଡ଼ମାରି ଖୋସାବାଡ଼ି ଶ୍ମଶାନ ରାସ୍ତାକୁ ନେଇଥିଲେ ହତ୍ୟା କରିବା ପାଇଁ। କିନ୍ତୁ ବିଜୟ ସେମାନଙ୍କ କବଳରୁ ଖସିଯାଇ ଥାନାରେ ଅଭିଯୋଗ କରିଥିଲେ। କେ. ନୂଆଗାଁ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଉଚ୍ଚ ଜୁଆରରେ ସମୁଦ୍ର ଅଶାନ୍ତ : ଲୀନ ହେବାକୁ ବସିଛି ମା'ଙ୍କ ମନ୍ଦିର

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଋଷିକୂଲ୍ୟା ମୁହାଣ ଅଞ୍ଚଳରେ ତାଣ୍ଡବ ରଚୁଛି ଅଶାନ୍ତ ସମୁଦ୍ର। ଜଳ ଲହଡ଼ିରେ ଗଞ୍ଜାମ ବ୍ଲକର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ କ୍ଷୟ ହେବାରେ ଲାଗିଛି। ପାଳିବନ୍ଧ ପଞ୍ଚାୟତର ସାମୁଦ୍ରିକ ମତ୍ସ୍ୟଜୀବୀ ସମ୍ପ୍ରଦାୟ ପୋଡ଼ମ ପେଟା ଗ୍ରାମର ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ଗୃହ ସମୁଦ୍ର ଗର୍ଭରେ ଲୀନ ହୋଇ ସାରିଥିବା ବେଳେ ବର୍ତ୍ତମାନ ଉକ୍ତ ସମ୍ପ୍ରଦାୟରେ ଦେବୀ ପ୍ରତିମା ପ୍ରତ୍ୟକ୍ଷ ଠାକୁରାଣୀ ମା'ଙ୍କ ମନ୍ଦିର ଏବେ ସମୁଦ୍ର ଗର୍ଭରେ ଲୀନ ଅପେକ୍ଷାରେ। ମା'ଙ୍କ ମନ୍ଦିରରେ ଅଧାରୁ ଅଧିକ ସମୁଦ୍ର ଗର୍ଭରେ ଲୀନ ହୋଇ ସାରିଥିବା ବେଳେ କେବଳ ମା'ଙ୍କ ପିଣ୍ଡି ବାକି ଅଛି। ଗତ କିଛି ଦିନ ତଳେ ୨୦ରୁ ଅଧିକ ଗୃହ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି।



ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମର ପ୍ରାୟ ୯୯ ପ୍ରତିଶତ ଲୋକଙ୍କୁ ଅନ୍ୟତ୍ର ଥଇଥାନ କରାଯାଇଛି। ଦିନକୁ ଦିନ ସମୁଦ୍ର ଏମିତି ଅଶାନ୍ତ ହୋଇ ପଡୁଛି ଯେ, ସମୁଦ୍ର ନିକଟବର୍ତ୍ତୀ ଅଞ୍ଚଳ କଣ୍ଟିଆ ଗଡ଼ କେବେ ବି ସମୁଦ୍ର ଗର୍ଭକୁ ଚାଲିଯିବ ଏକଥା କିଏ କହି ପାରିବ। ପୂର୍ଣ୍ଣିମା ଓ ଅମାବାସ୍ୟା ତିଥିରେ ଗୋଟିଏ ପରେ ଗୋଟିଏ ପକ୍କା ଘର ଭୁଶୁଡ଼ି ପଡ଼ିଛି ସମୁଦ୍ରରେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ବଡ଼ ବଡ଼ ଘର ଅଛି କିନ୍ତୁ ଲୋକ ନାହାନ୍ତି ଏକଥା ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ଦୈନନ୍ଦିନ ବହୁ ପର୍ଯ୍ୟଟକ ଏଠାକୁ ଆସି ସେଲ୍‌ଫି ନେବା ସହ ସମୁଦ୍ରରେ ବୁଡ଼ି ମଜା ନେଉଛନ୍ତି।

# ୩୩ କୋଟିରେ ନିର୍ମାଣ ହେବ ୨୦ ଏସ୍‌ଟି ହଷ୍ଟେଲ ଲାଭ ପାଇବେ ୧୦୦୦ ଛାତ୍ରଛାତ୍ରୀ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ଜନଜାତି ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ଆବାସିକ ସୁବିଧା ସୃଷ୍ଟି ଦିଗରେ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ), ଝାରସୁଗୁଡ଼ା ପକ୍ଷରୁ ଜିଲ୍ଲାର ଲଖନପୁର, ଲଇକେରା ଓ କିର୍ମିରା ବ୍ଲକରେ ୨୦ଟି ନୂତନ ଏସ୍‌ଟି ଛାତ୍ର ଓ ଛାତ୍ରୀ ନିବାସ ନିର୍ମାଣ ପାଇଁ ଇ-ଟେଣ୍ଡର ଜାରି କରାଯାଇଛି। ପ୍ରକଳ୍ପ ଅନୁଯାୟୀ ଲଖନପୁର ବ୍ଲକ୍‌ରେ ସର୍ବାଧିକ ୧୦ଟି ହଷ୍ଟେଲ ନିର୍ମାଣ ହେବାକୁ ଥିବାବେଳେ ଲଇକେରା ଓ କିର୍ମିରା ବ୍ଲକରେ ୫ଟି ଲେଖାଏଁ ହଷ୍ଟେଲ ସ୍ଥାପନ କରାଯିବ। ପ୍ରତ୍ୟେକ ହଷ୍ଟେଲରେ ୫୦ ଜଣ ଛାତ୍ରଛାତ୍ରୀଙ୍କ ରହିବା ବ୍ୟବସ୍ଥା ଥିବାରୁ ମୋଟ ୧୦୦୦ ଜଣ ଜନଜାତି ଛାତ୍ରଛାତ୍ରୀ ସିଧାସଳଖ ଭାବେ ଉପକୃତ ହେବେ। ଏହି ସମସ୍ତ ପ୍ରକଳ୍ପ ପାଇଁ ୩୩ କୋଟି ଟଙ୍କାରୁ ଅଧିକ ବ୍ୟୟ ହେବ ବୋଲି ସୂଚନା ମିଳିଛି। ଏହି ଅବସରରେ ଝାରସୁଗୁଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଜନଜାତି ସମାଜର ଶିକ୍ଷାଗତ ଓ ସାମାଜିକ ସଶକ୍ତିକରଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି। ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଏକାସାଙ୍ଗରେ ୨୦ଟି ହଷ୍ଟେଲ ନିର୍ମାଣ ନିଷ୍ପତ୍ତି ଜନଜାତି ଶିକ୍ଷା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ। ସେ କହିଛନ୍ତି ଯେ ଏହି ପଦକ୍ଷେପ ଫଳରେ ଅନେକ ମେଧାବୀ ଜନଜାତି ଛାତ୍ରଛାତ୍ରୀ ଉନ୍ନତ ଆବାସିକ ସୁବିଧା ପାଇ ଉଚ୍ଚଶିକ୍ଷା ଦିଗରେ ଆଗେଇ ପାରିବେ। ଶିକ୍ଷା ସହିତ ସ୍ୱାସ୍ଥ୍ୟ, ପାନୀୟ ଜଳ, ସଡ଼କ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ବିକାଶ ପାଇଁ ମଧ୍ୟ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଥିବା ସେ ଉଲ୍ଲେଖ କରିଛନ୍ତି। ଦୁର୍ଗମ ଓ ଶିକ୍ଷା ସୁବିଧାରୁ ବଞ୍ଚିତ ଅଞ୍ଚଳଗୁଡ଼ିକୁ ପ୍ରାଥମିକତା ଦେଇ ହଷ୍ଟେଲଗୁଡ଼ିକର ସ୍ଥାନ ଚୟନ କରାଯାଇଥିବାରୁ ସ୍ଥାନୀୟ ଲୋକେ ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି।

# ଶ୍ରୀ ବିକ୍ରମ ସରକାରୀ ଚାରୁ କଳା ବିଦ୍ୟାଳୟରକୁ ମହାବିଦ୍ୟାଳୟ ମାନ୍ୟତା ଦାବି ନେଇ ଆସନ୍ତା ୨୯ରେ ଧାରଣା

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ ଜୟପୁରକୁ ମହାବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ସହ ଯଥାଶିଘ୍ର ସ୍ନାତକ ଆରମ୍ଭ କରିବା ଏବଂ ପ୍ଲାଟିନମ୍ ଜୁବୁଲି ପାଳନ ପାଇଁ ପୁବ ଛାତ୍ର ସଂଘ ତରଫରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆକୁ ନିଷ୍ପତ୍ତି ହୋଇଛି। ଓଡ଼ିଶାର ପୁରାତନ ଓ ସର୍ବପ୍ରଥମ କଳା ବିଦ୍ୟାଳୟ ଭାବରେ ଜୟପୁର ତତ୍କାଳୀନ ମହାରାଜା ଶ୍ରୀ ବିକ୍ରମ ଦେବ ବର୍ମାଙ୍କ ଦ୍ୱାରା ୧୯୪୬ ମସିହାରେ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ, ଜୟପୁରରେ ଓଡ଼ିଶାର ପରିଚୟ ଚିତ୍ରକଳ ଭାସ୍କର୍ଯ୍ୟ ତଥା କାରୁକଳା ଶିକ୍ଷାର ପ୍ରସାଦର ପାଇଁ ସ୍ଥାପନ କରାଯାଇଥିଲା। ଦୀର୍ଘ ୮୦ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ଡିଗ୍ରୀ ପାଠ୍ୟକ୍ରମ ଆରମ୍ଭ ହୋଇ ପାରିଲା ନାହିଁ। ଦିର୍ଘ ଦିନରେ ସଂଘର୍ଷ ପରେ ଗତ ଅକ୍ଟୋବର ୨୦୨୨ ମସିହାରେ ସରକାର ଏହି ବିଦ୍ୟାଳ୍ୟକୁ ଡିଗ୍ରୀ ମାନ୍ୟତା ପ୍ରଦାନ କରି ନଥି ସଂଖ୍ୟା ୪୧୯୫ ଗତ ୨୬।୧୦।୨୦୨୨ରେ ମାନ୍ୟତା କେବଳ କାଗଜ ନଥିପତ୍ରରେ ହିଁ ସୀମିତ ହୋଇ ରହିଗଲା। ଦକ୍ଷିଣ ଓଡ଼ିଶାର ଅନେକ ଗରିବ ଶ୍ରେଣୀର ପ୍ରତିଭାବାନ କଳା ଶିକ୍ଷା ଆଗ୍ରହୀ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ଦ୍ୱାଦଶ ପରେ ଆର୍ଥିକ ଅନାଟକ ଯୋଗୁଁ ଉଚ୍ଚ ଶିକ୍ଷା ନିମନ୍ତେ ସୁଦୁର ଖଲ୍ଲିକୋଟ କିମ୍ବା ଭୁବନେଶ୍ୱର ଯାଇ ପାରୁ ନାହାଁନ୍ତି । କଳା ବିଦ୍ୟାଳୟ ସ୍ଥାପନ ହୋଇ ଦୀର୍ଘ ୮୦ ବର୍ଷ ବିତି ଯାଇଥିଲେ ସୁଦ୍ଧା ଆଜି ଯାଏ ପ୍ଲାଟିନମ୍ ଜୁବୁଲି ପାଳନ କରାଯାଇ ପାରିନାହିଁ। ଯାହାକି ସରକାର ୨୦୨୩ ମସିହାରେ ୧୫ ଲକ୍ଷ ଟଙ୍କା ଉକ୍ତ କାଯ୍ୟକ୍ରମ କରିବା ନିମନ୍ତେ ଅନୁଦାନ ଦେଇଛନ୍ତି । ଦକ୍ଷିଣ ଓଡିଶାର ଆଗାମୀ ଭବିଷ୍ୟତରେ କଳାଶିକ୍ଷା ନିମନ୍ତେ ଛାତ୍ର ଛାତ୍ରୀ ଙ୍କ ଉନ୍ନତି ପାଇଁ କଳା ବିଦ୍ୟାଳୟର ପୁବ ଛାତ୍ର ସଂଘ ତରଫରୁ କଳା ବିଦ୍ୟାଳୟ ସମ୍ମୁଖରେ ଆସନ୍ତା ୨୯ ତାରିଖରେ ସକାଳ ୧୦ ଟାରୁ ଅପରାହ୍ନ ୪ଟା ଯାଏ ଶାନ୍ତି ପୂର୍ଣ୍ଣ ଧାରଣା ଦେବା ପାଇଁ ନିଷ୍ପତ୍ତି ହୋଇଛି। ଶାନ୍ତି ପୂର୍ଣ୍ଣ ଧାରଣା ଦେବା ପାଇଁ କୋରପୁଟ ଜିଲାପାଳ, ଜୟପୁର ଉପ ଜିଲାପାଳ, ଏସଡିପିଓ, ଜିଲ୍ଲା ସଂସ୍କୃତି ଅଧିକାରୀ, ଟାଉନ ଥାନା ଅଧିକାରିଙ୍କୁ ଅବଗତ କରାଯାଇଛି । ଅନୁମତି ପ୍ରଦାନ କରିବାକୁ ସଭାପତି ଶ୍ରୀକାନ୍ତ ବାରିକ, ସମ୍ପାଦକ ପଦ୍ମ ଚରଣ ଚୈଧୁରି, ରାଜେନ୍ଦ୍ର କୁମାର ପଟ୍ଟନାୟକ, ବି ଶ୍ରୀନିବାସ, ଦିପକ ଦାସ ପ୍ରମୁଖ ଅନୁରୋଧ କରିଛନ୍ତି।

# ଧୂଷୁରୀରେ ମଦ ଦୋକାନ ଖୋଲାକୁ ବିରୋଧ : ଜିଲ୍ଲାପାଳଙ୍କୁ ଦାବିପତ୍ର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଏହି ଜିଲ୍ଲାର ଧାମନଗର ବ୍ଲକ ଅଧୀନ ଧୂଷୁରୀ-ପଙ୍ଗଟା ମୁଖ୍ୟ ରାସ୍ତା ପାର୍ଶ୍ୱରେ ନୂତନ ଭାବେ ଅନୁମୋଦନ ପାଇଥିବା ଦେଶୀ ଓ ବିଦେଶୀ ମଦର ଦୁଇଟି ଦୋକାନ ଖୋଲାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ବିରୋଧ ଦେଖାଦେଇଛି। ମଦ ଦୋକାନ ନ ଖୋଲିବା ଏବଂ ଧୂଷୁରୀ ଏନ୍‌ଏସି ଓ ଜୋନକୁ ମଦମୁକ୍ତ କରିବା ଦାବିରେ ବୁଧବାର ଭଦ୍ରକ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଧୂଷୁରୀ, ହସନାବାଦ, ନଦୀଗାଁ-ସାହାସପୁର, ଅର୍ଜୁନପୁର ସମେତ ପାଞ୍ଚଟି ପଞ୍ଚାୟତର ସରପଞ୍ଚ, ପୂର୍ବତନ ସରପଞ୍ଚ, ସମାଜସେବୀ ଓ ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ପୂର୍ବରୁ ଏହି ରାସ୍ତାରେ ମଦ ଦୋକାନ ଥିବା ସମୟରେ ଅଞ୍ଚଳରେ ମଦ୍ୟପାନ, ପାରିବାରିକ ଅଶାନ୍ତି, ସଡ଼କ ଦୁର୍ଘଟଣା ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏହାଦ୍ୱାରା ମହିଳା ଓ ଛାତ୍ରୀମାନଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି , ଏହାସହ ଅଞ୍ଚଳର ଶାନ୍ତିଶୃଙ୍ଖଳା ବ୍ୟାହତ ଘଟୁଛି। ତେଣୁ ନୂତନ ଲାଇସେନ୍ସ ମଞ୍ଜୁର ହୋଇଥିଲେ ମଧ୍ୟ ଜନମତକୁ ସମ୍ମାନ ଦେଇ ଉକ୍ତ ସ୍ଥାନରେ ମଦ ଦୋକାନ ଖୋଲିବାକୁ ଅନୁମତି ନ ଦେବାକୁ ସେମାନେ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୩ ଦିନ ତଳେ ହରିହଂଶ ନିକଟରେ ଏହି ପାଞ୍ଚଟି ପଞ୍ଚାୟତର ବିଭିନ୍ନ ରାଜନୈତିକ ଦଳର ନେତା, କର୍ମୀ ଓ ଗ୍ରାମବାସୀ ଏକତ୍ରିତ ହୋଇ ମଦ ଦୋକାନ ଖୋଲାକୁ ବିରୋଧ କରିଥିଲେ। ଏହି ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ, ସରପଞ୍ଚ ଝରଣା ମାଝି, ଅଜୟ ମଲ୍ଲିକ, ବରିଷ୍ଠ ସିପିଏମ୍ ନେତା ଚନ୍ଦ୍ରଶେଖର ନାୟକ, ସନ୍ଦୀପ ଶଙ୍କର ସ୍ୱାଇଁ, ନିରଞ୍ଜନ ମାଝୀ, ସରସ୍ୱତୀ ସାହୁ, ନରେନ୍ଦ୍ର ନାରାୟଣ ନାୟକ, ବିମ୍ବାଧର ବିଶ୍ୱାଳ, ସଞ୍ଜୟ ହୋତା, ଦେବେନ୍ଦ୍ର ପଣ୍ଡା, ରୋହିତ ନାୟକଙ୍କ ସମେତ ବହୁ ଜନପ୍ରତିନିଧି ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ଜାତୀୟ ଓ ରାଜ୍ୟ ରାଜପଥରେ ଗୋରୁ ମାଳ ମାଳ : ଚିହ୍ନଟ ହୋଇପାରିଲାନି ହଟସ୍ପଟ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବୁଲା ପଶୁଙ୍କ ଯୋଗୁ ସଡ଼କ ଦୁର୍ଘଟଣା ଚିନ୍ତାଜନକ। ଗୋ-ମୁକ୍ତ ଜାତୀୟ ଓ ରାଜ୍ୟ ରାଜପଥ ପାଇଁ ସାରା ରାଜ୍ୟରେ ହଟ୍ ସ୍ପଟ ଚିହ୍ନଟ କରାଯିବ। ପଶୁମାନଙ୍କୁ ଅସ୍ଥାୟୀ ଗୋ-ଶାଳାକୁ ସ୍ଥାନାନ୍ତର କରାଯିବ। ହେଲେ ପରିବହନ ବିଭାଗର ଏହି ଅଭିଯାନ କେବଳ ଖାତା କଲମରେ ରହିଗଲା। ଏବେ ବି ରାସ୍ତାରେ ଗୋରୁଙ୍କ ବିଚରଣ ଏକ ବଡ଼ ବିପଦ ହୋଇ ଉଭା ହୋଇଛି। ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି, ଜୀବନ ବି ଯାଉଛି। ଗତବର୍ଷ ଜୁନ୍ ୨୨ରେ ବ୍ରହ୍ମପୁର ଲାଞ୍ଜିପଲ୍ଲୀର ଏନଏଚ୍ ୧୬ରେ ଏକ ଅଜଣା ଟ୍ରକ୍ ଧକ୍କାରେ ୧୩ ଗାଈ ମରିଥିଲେ। ୩ ଗାଈ ଖଣ୍ଡିଆଖାବରା ହୋଇଥିଲେ। କେବଳ ସେତିକି ନୁହେଁ। ପରିବହନ ବିଭାଗ ତଥ୍ୟ ମୁତାବକ, ଗଲା ୩ ବର୍ଷରେ ରାସ୍ତାରେ ବୁଲା ପଶୁଙ୍କ ଚଳପ୍ରଚଳରୁ ୧୬୦୧ ଲୋକ, ୨୪୨ ପଶୁଙ୍କ ଜୀବନ ଯାଇଛି। ୧,୫୯୧ ଲୋକ ଗୁରୁତର ଆହତ ହୋଇଛନ୍ତି। ଏହି ପରିସଂଖ୍ୟାନ ବେଶ୍ ଉଦ୍‌ବେଗଜନକ।



ବାଣିଜ୍ୟ ଏବଂ ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ତତ୍କାଳୀନ ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଗତବର୍ଷ ସେପ୍ଟେମ୍ବରରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ସମସ୍ତ ରାଜପଥ ଏବଂ ରାଜ୍ୟ ରାସ୍ତାଗୁଡ଼ିକରେ ପଶୁ ଯାନ ଦୁର୍ଘଟଣା ହଟସ୍ପଟ୍ (ଏଭିସିଏଚ୍) ତୁରନ୍ତ ଚିହ୍ନଟ କରିବାକୁ ନିଷ୍ପତ୍ତି ନିଆଗଲା। ଏନେଇ ଏନ୍‌ଏଚ୍‌ଏଆଇ, ପୂର୍ତ୍ତ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ସହ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଚିଠି କରାଯାଇଛି। କିନ୍ତୁ ସବୁ ବିଭାଗ ଆଖି ବୁଜି ଦେଇଛନ୍ତି। କେହି ଦାୟିତ୍ୱ ନେବାକୁ ରାଜି ନୁହେଁ। ହଟ୍‌ସ୍ପଟ୍ ଚିହ୍ନଟ ନ ହେବା ଯାଏ ଗୋ-ମୁକ୍ତ ରାଜପଥ ସ୍ୱପ୍ନ ସାକାର ହୋଇପାରିବନି। ବୈଠକରେ ନିଷ୍ପତ୍ତି ନିଆଯାଇଥିଲା, ହଟସ୍ପଟ୍ ନିକଟ ଗ୍ରାମଗୁଡ଼ିକରେ ଏକ ସାତ ଦିନିଆ ସଚେତନତା ଅଭିଯାନ କରାଯିବ। ଆହତ ଗୋରୁମାନଙ୍କୁ ଉଦ୍ଧାର ଏବଂ ଚିକିତ୍ସା ପାଇଁ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ଦ୍ୱାରା ଅଧିକ ଆମ୍ବୁଲାନ୍ସ ନିୟୋଜିତ କରାଯିବ। ଗାଈଗୋରୁଙ୍କୁ ରାସ୍ତାକୁ ମୁକୁଳା ଛାଡ଼ିଲେ, ଗୋରୁ ମାଲିକ ଦଣ୍ଡିତ ହେବେ। ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଏହି ଦଣ୍ଡବିଧାନର ସମୀକ୍ଷା କରିବ। ଆବଶ୍ୟକ ପଡ଼ିଲେ, ଅବହେଳା ପାଇଁ ଦଣ୍ଡ ବଢ଼ାଯିବ। କିନ୍ତୁ କିଛି କାର୍ଯ୍ୟକାରୀ ହୋଇପାରିଲାନି।

ପ୍ରାଥମିକ ସର୍ଭେ ଅନୁଯାୟୀ, ରାଜ୍ୟର ୪ଟି ଏନ୍‌ଏଚ୍‌ର କିଛି ବଛା ବଛା ରାସ୍ତାକୁ ଦୁର୍ଘଟଣାପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଗଲା। ସେଗୁଡ଼ିକ ହେଲା, ଏନ୍‌ଏଚ୍‌୧୬ (ଭୁବନେଶ୍ୱରରୁ ଟାଙ୍ଗୀ, ଟାଙ୍ଗୀରୁ ପୁଇଁତୋଳା, ପୁଇଁତୋଳାରୁ ଇଚ୍ଛାପୁରମ୍), ଏନ୍‌ଏଚ୍-୩୧୬(ଭୁବନେଶ୍ୱରରୁ ପୁରୀ), ଏନ୍‌ଏଚ୍-୫୨୦(ରିମୁଳିରୁ ରାଜାମୁଣ୍ଡା), ଏନ୍‌ଏଚ୍-୫୨ (କଟକରୁ ଅନୁଗୁଳ)। ଗତବର୍ଷ ନଭେମ୍ବର ୧୫ ସୁଦ୍ଧା ଏନଏଚ୍-୧୬ ଏବଂ ଏନ୍‌ଏଚ୍-୩୧୬କୁ ସମ୍ପୂର୍ଣ୍ଣ ଗୋରୁ ମୁକ୍ତ କରିବାକୁ ସମୟସୀମା ଧାର୍ଯ୍ୟ ହେଲା। କିନ୍ତୁ ୭ ମାସ ବିତିବା ପରେ ବି ୨ଟି ଏନ୍‌ଏଚ୍ ଗୋରୁମୁକ୍ତ ହୋଇପାରିଲାନି।

ସାଧାରଣତଃ ବର୍ଷା ଦିନେ ଗୋରୁମାନେ ରାସ୍ତା ମୁହାଁ ହୁଅନ୍ତି। ଗାଁ ଗହଳିର ଖୋଲା ପଡ଼ିଆ ଓ ଗୋ-ବିଚରଣ ଜାଗାରେ କାଦୁଅ ଓ ପାଣି ଭର୍ତ୍ତି ହେବାରୁ ସେମାନେ ଚକ୍‌ଚକିଆ ପିଚୁ ଓ ସିମେଣ୍ଟ ରାସ୍ତାରେ ଶୋଇରୁହନ୍ତି। ଆଉ କିଛି ଦିନ ପରେ ବର୍ଷା ଋତୁ ଆସିବ। ସ୍ଥିତି ବିଗିଡ଼ିବା ସହ ଦୁର୍ଘଟଣା ଗ୍ରାଫ୍ ଉପରମୁହାଁ ହେବା ଆଶଙ୍କା ଉପୁଜିଛି।

# ଅସହାୟ କିଡ୍‌ନୀ ରୋଗୀ ବିଜୟଙ୍କୁ ସାହାଯ୍ୟର ହାତ ବଢାଇଲା ମାନବବାଦୀ ସଂଗଠନ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ସୁନ୍ଦରପୁର ପଞ୍ଚାୟତ ଅଧୀନ କୁଳେଇପଦା ଗାଁର ବିଜୟ ଜେନା ଦୀର୍ଘବର୍ଷ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଘରେ ବସି ରହିଥିବାରୁ ପରିବାର ୫ ଜଣ କୁଟୁମ୍ବ ଓଳିଏ ଖାଇ ଓଳିଏ ଉପାସ ରହିବା ସହ ଦୁଃଖ କଷ୍ଟରେ ଜୀବନ ବିତାଉଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଭଦ୍ରକ ଜିଲ୍ଲା ମାନବବାଦୀ ସଂଗଠନର ସଦସ୍ୟ ବିଜୟଙ୍କ ଘରେ ପହଞ୍ଚି ସମସ୍ତ କଥା ବୁଝିବା ସହ ୧୫୦୦୦ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ବିଜୟ ଘରର ଏକମାତ୍ର ରୋଜଗାରିଆ ହୋଇଥିବାରୁ ତେଲ ଲୁଣ ସଂସାରରୁ ଯାହାକିଛି ପିଲାମାନଙ୍କ ପାଠପଢ଼ା ପାଇଁ ସଞ୍ଚୟ କରି ରଖିଥିଲା ଦୀର୍ଘ ୩ ବର୍ଷ ହେବ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ମେଡିକାଲରେ ସେତକ ଟଙ୍କା ସରିଯିବାରୁ କିଭଳି ଚିକିତ୍ସା ହେବେ ପରିବାର ଲୋକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏପରି ସହାୟତାରେ ହାତ ବଢାଇଥିବା ମାନବବାଦୀ ସଂଗଠନର ସାନ୍ତୁନ କୁମାର ରାଉତ, ଭାଗବତ ତ୍ରିପାଠୀ, ଅନିନ୍ଦ୍ୟ କୁମାର ମହାନ୍ତି, ମଦନମୋହନ ନାୟକ, ସ୍ନେହଲତା ବେହେରା, ଶଶଧର ନାୟକ, ବୈଲୋଚନ ବେହୁରିଆ, ରାହାସବିହାରୀ ନାୟକ, ଗୀତାରାଣୀ ଆଇଚ, ବାସୁଦେବ ବାରିକ, ଶଶିକାନ୍ତ ପାଢୀ, ରବିନ୍ଦ୍ର କୁମାର ସାହୁ, ବୀଣାପାଣି ନାୟକ, ହରମୋହନ କୁଅଁର ପ୍ରମୁଖଙ୍କୁ ବିଜୟ ଧନ୍ୟବାଦ ଜଣାଇଥିଲେ। ମାନବବାଦୀ ସଂଗଠନର ଏପରି ପ୍ରୟାସକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୁରି ପ୍ରଶଂସା କରିଛନ୍ତି।

# ଧାମନଗର ପ୍ରଶାସନ ଦ୍ୱାରା ବେଆଇନ ଇଟାଭାଟି ଉପରେ ଚଢ଼ଉ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତର ପାହାଡପୁର ଅଞ୍ଚଳରେ ଚାଲିଥିବା ବେଆଇନ ଇଟାଭାଟି ଉପରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ମିଳିତ ଚଢ଼ଉରେ ପ୍ରଶାସନିକ ଅଧିକାରୀମାନେ ଜେସିବି ସହାୟତାରେ ଉକ୍ତ ଅଞ୍ଚଳର ବେଆଇନ ଇଟା ଭାଟିକୁ ଭାଙ୍ଗି ଦେବା ସହିତ ୩୨ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘ ଦିନ ଧରି ପାହାଡ଼ପୁର ଅଞ୍ଚଳରେ ବିନା ଅନୁମତିରେ ଏହି ଇଟାଭାଟି ଚାଲୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏହାକୁ ଭିତ୍ତି କରି ଭଦ୍ରକ ଖଣି ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ଧାମନଗର ଅତିରିକ୍ତ ତହସିଲଦାର ପଲି ଭାରତୀ ମହାଲିକ ଏବଂ ଆରଆଇ ବୁଲବୁଲ ସିଂ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଧାମନଗର ପୋଲିସର ସହଯୋଗରେ ଏହି ଚଢ଼ଉ କରାଯାଇଥିଲା। ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ସ୍ୱରୂପ ଜେସିବି ଲଗାଇ ଇଟାଭାଟିକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରି ଦିଆଯାଇଛି।

# ଭାତହାଣ୍ଡିର ଚାଷୀଙ୍କୁ ହତାଦର : ମାସେ ପରେ ବି ମିଳିପାରିନି ଟୋକନ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟାକୁ ମାସେ ବିତି ଯାଇଛି। ଆଉ ୨ ସପ୍ତାହ ପରେ ଏହି ପ୍ରକ୍ରିୟା ସରିଯିବ। ହେଲେ ଏପର୍ଯ୍ୟନ୍ତ ଜିଲ୍ଲାରେ ଧାନ ବିକ୍ରିବଟା ଅସମାହିତ ରହିଛି। ମଣ୍ଡିକୁ ଧାନ ଆସୁଛି। ମାତ୍ର ତାକୁ କିଣାଯାଉ ନାହିଁ। ମିଲର୍ସ ପହଞ୍ଚିଲେ ଏବଂ କଟ୍‌ନୀଛଟ୍‌ନୀରେ ଚାଷୀ ରାଜି ହେଲେ ଯାଇ ସେହି ଧାନକୁ କିଣାଯାଉଛି। କଟ୍‌ନୀଛଟ୍‌ନୀରେ ଚାଷୀ ସହମତି ପ୍ରକାଶ ନ କଲେ ସେହି ଧାନ ଦୀର୍ଘଦିନ ଧରି ମଣ୍ଡିରେ ପଡ଼ିରହୁଛି। କେବଳ ସେତିକି ନୁହେଁ, ବେପାରୀ (ମଧ୍ୟସ୍ଥ) ମାଧ୍ୟମରେ ଆସିଥିବା ଧାନକୁ ତତ୍କାଳ କିଣାଯାଇ ମଣ୍ଡିରୁ ଉଠାଯାଉଛି କିମ୍ବା ସେଭଳି ଧାନ ମଣ୍ଡିକୁ ଆସିବା ବଦଳରେ ସିଧାସଳଖ ବିଭିନ୍ନ ରାଇସ୍ ମିଲ୍‌କୁ ଯାଉଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ସେହିପରି ଛତିଶଗଡ଼ରୁ ଆସୁଥିବା ଧାନ ମଧ୍ୟ ରାତାରାତି ବିଭିନ୍ନ ରାଇସ୍ ମିଲ୍‌କୁ ପ୍ରବେଶ କରୁଛି ଏବଂ ସେଭଳି ଧାନକୁ ପରବର୍ତ୍ତୀ ସମୟରେ ମଣ୍ଡି କାଗଜାତ୍‌ରେ ଫଲ୍ସ ଏଣ୍ଟ୍ରି କରାଯାଉଥିବା ଅଭିଯୋଗ ହୋଇଛି।

ଏଭଳି ସ୍ଥିତିରେ ଟୋକନ କଟକଣା ଚାଷୀଙ୍କ ପାଇଁ ବଡ଼ ସମସ୍ୟା ହୋଇପଡ଼ିଛି। ଜିଲ୍ଲାର ଅନେକ ଚାଷୀଙ୍କୁ ଏପର୍ଯ୍ୟନ୍ତ ଧାନବିକ୍ରି ଟୋକନ ମିଳିପାରି ନାହିଁ। ଅନ୍ୟପଟେ କେତେକ ଚାଷୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଟୋକନ ମିଳିଥିଲେ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ଭଳି ସେଥିରେ ମଧ୍ୟ ବିକ୍ରିଯୋଗ୍ୟ ଧାନ ପରିମାଣ ଯଥେଷ୍ଟ କମ୍ ରହିଛି। ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ଲାଗି ରହିଥିବାବେଳେ ଏକ ବଡ଼ ଆନ୍ଦୋଳନ ମୁଣ୍ଡ ଟେକି ବସିଛି।



ସାମଗ୍ରିକଭାବେ ଅନୁଧ୍ୟାନ କଲେ ବିଗତବର୍ଷ ଅପେକ୍ଷା ଏଥର ଧାନ ସଂଗ୍ରହ ପ୍ରକ୍ରିୟା ଫେଲ୍ ମାରିଛି। ଚଳିତ ରବି ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ରାଜ୍ୟରେ ୩ଲକ୍ଷ ୮୨ହଜାର ୨୦୭ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ଲକ୍ଷ ୬୪ହଜାର ୫୩୦ଜଣ ଚାଷୀଙ୍କୁ ଧାନବିକ୍ରି ଟୋକନ ମିଳିଛି। ରାଜ୍ୟର ଆହୁରି ୧୭ହଜାର ୬୭୭ଜଣ ଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳିପାର ନ ଥିବାରୁ ସେମାନେ ଧାନବିକ୍ରିରୁ ବଞ୍ଚିତ ରହିଛନ୍ତି। ତେବେ ଏଥିରେ ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲା ଚାଷୀଙ୍କ ସମସ୍ୟା ସର୍ବାଧିକ। ରବିଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲ୍ଲାର ୧ଲକ୍ଷ ୫ହଜାର ୪୯୧ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୯୯ହଜାର ୬୦୨ଜଣ ଚାଷୀଙ୍କୁ ଧାନବିକ୍ରି ଟୋକନ ମିଳିଛି। ବାକି ୫୮୮୯ ଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳିପାରି ନାହିଁ। ଫଳରେ ସେମାନେ ଅମଳ ଧାନ ବିକ୍ରି କରିପାରି ନାହାନ୍ତି। କ୍ଷେତ, ଖଳା ଏବଂ ରାସ୍ତାପାର୍ଶ୍ୱରେ ସେହି ଧାନ ପଡ଼ି ରହିଛି। ଅନ୍ୟପଟେ ତୁହାକୁ ତୁହା ବର୍ଷା ମାଡ଼ି ଆସୁଥିବାରୁ ଚାଷୀଙ୍କ ଧାନ ବିକ୍ରି ଚିନ୍ତା ବଢ଼ି ଯାଇଛି। ସେହିପରି ରବିଧାନ ବିକ୍ରି କରି ପାରି ନ ଥିବାରୁ ଖରିଫ୍ ଚାଷକାର୍ଯ୍ୟ ପାଇଁ ମଧ୍ୟ ଚାଷୀମାନେ ନିଜକୁ ପ୍ରସ୍ତୁତ କରିପାରୁ ନାହାନ୍ତି। ଟୋକନ ସମସ୍ୟା ସହିତ ମିଲର୍ସଙ୍କ ନିୟନ୍ତ୍ରଣରେ ପ୍ରଶାସନ ରହିଥିବାରୁ ଜିଲ୍ଲାରେ ଧାନ ବିକ୍ରିବଟା ଏଥର ଏଭଳି ଜଟିଳ ହୋଇ ପଡ଼ିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ଗତବର୍ଷ ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲାର ୯୦ହଜାର ପଞ୍ଜୀକୃତ ଚାଷୀଙ୍କଠାରୁ ୬୨ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ଏହି ଦୃଷ୍ଟିରୁ ସେତେବେଳେ ଚାଷୀ ପ୍ରତି ହାରାହାରି ୬୮.୪୬ କ୍ୱିଣ୍ଟାଲ ଧାନ ବିକିଥିଲେ। କିନ୍ତୁ ଏ ଏପର୍ଯ୍ୟନ୍ତ ଜିଲ୍ଲାର ୬୯ ହଜାର ୬୦୮ଜଣ ଚାଷୀଙ୍କଠାରୁ ୩୭ଲକ୍ଷ ୮୭ହଜାର ୧୮କୁଇଣ୍ଟାଲ ଧାନ କିଣାଯାଇଛି ଅର୍ଥାତ୍ ଚାଷୀ ପ୍ରତି ହାରାହାରି ୫୪ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି। ଅପରପକ୍ଷେ ଅନ୍ୟ ଜିଲ୍ଲାରେ ଏହି ହାର ଅଧିକ ରହିଥିବାବେଳେ ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲା ଚାଷୀଙ୍କ ପ୍ରତି ବାରମ୍ବାର ଏଭଳି ହତାଦର କାହିଁକି ବୋଲି ମହାପାତ୍ର ପ୍ରଶ୍ନ କରିଛନ୍ତି। ଏହାର ଠିକ୍ ସମାଧାନ ସହିତ ଚାଷୀଙ୍କ ବିକ୍ରିଯୋଗ୍ୟ ଅମଳ ଧାନକୁ ନିର୍ଦ୍ଧାରିତ ସମୟରେ ସରକାରଙ୍କ ଘୋଷିତ ଇନପୁଟ୍ ଆସିଷ୍ଟାଣ୍ଟ ସହିତ ସର୍ବନିମ୍ନ ସହାୟକ ମୂଲ୍ୟରେ କିଣା ନ ଗଲେ ଜିଲାର ଚାଷୀମାନେ ଠିକଣା ସମୟରେ ଠିକ୍ ଜବାବ୍ ଦେବେ ବୋଲି ମହାପାତ୍ର ଚେତାବନୀ ଦେଇଛନ୍ତି।

# ଜୁନ ୨୫ରେ ଆଞ୍ଚଳିକ ସ୍ତରୀୟ ଡାକ ଅଦାଲତ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ଡାକ ବିଭାଗ ପକ୍ଷରୁ ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ସ୍ତରୀୟ ଡାକ ଅଦାଲତ ଆସନ୍ତା ୨୫ ଜୁନ ୨୦୨୬ ତାରିଖ ଗୁରୁବାର ସକାଳ ୧୧ଟାରେ ସମ୍ବଲପୁର ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଡାକସେବା ସମ୍ବନ୍ଧୀୟ ଅଭିଯୋଗ ଥିବା ଜନସାଧାରଣଙ୍କୁ ପ୍ରଥମେ ବିଭାଗୀୟ ସ୍ତରୀୟ ଡାକ ଅଦାଲତରେ ନିଜ ଅଭିଯୋଗ ଉପସ୍ଥାପନ କରିବାକୁ ପରାମର୍ଶ ଦିଆଯାଇଛି। ସେଠାରେ ସନ୍ତୋଷଜନକ ସମାଧାନ ନ ମିଳିଲେ, ସେମାନେ ଆଞ୍ଚଳିକ ସ୍ତରୀୟ ଡାକ ଅଦାଲତରେ ଅଭିଯୋଗ ଦାଖଲ କରିପାରିବେ। ଏହି ଅଦାଲତ ପାଇଁ ଡାକ କାରବାର ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକୁ ତିନୋଟି ପ୍ରତିଲିପିରେ ସମ୍ପୃକ୍ତ ବିଭାଗୀୟ ଡାକ ଅଧୀକ୍ଷକ କିମ୍ବା ସହକାରୀ ନିର୍ଦ୍ଦେଶକ (ଡାକ ସେବା), ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ, ସମ୍ବଲପୁର ୭୬୮୦୦୧ଙ୍କ ନିକଟକୁ ୨୦ ଜୁନ ୨୦୨୬ ସୁଦ୍ଧା ପଠାଇବାକୁ କୁହାଯାଇଛି। ଅଭିଯୋଗ ସହ ସମ୍ପୃକ୍ତ ଡାକଘରର ରସିଦ କିମ୍ବା ପ୍ରମାଣପତ୍ର, ଅଭିଯୋଗର ବିବରଣୀ, ଅଭିଯୋଗକାରୀଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା ସଂଲଗ୍ନ କରିବା ଆବଶ୍ୟକ। ଡାକ ସେବା ସହ ସମ୍ପର୍କ ନଥିବା ଅଭିଯୋଗ, ଯଥା ନୂତନ ଡାକଘର ଖୋଲିବା, ନୂତନ ପଦବୀ ସୃଷ୍ଟି, ଡାକଘର ଭଡ଼ା କିମ୍ବା ଘର ଭଡ଼ା ସମ୍ବନ୍ଧୀୟ ବିଷୟଗୁଡ଼ିକ ଡାକ ଅଦାଲତର ପରିସରଭୁକ୍ତ ନୁହେଁ। ଏପରି ଅଭିଯୋଗ ନ ପଠାଇବାକୁ ପରାମର୍ଶ ଦିଆଯାଇଛି। ୨୦ ଜୁନ ୨୦୨୬ ପରେ ପ୍ରାପ୍ତ ହେଉଥିବା ଅଭିଯୋଗଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ବୋଲି ସହକାରୀ ନିର୍ଦ୍ଦେଶକ (ଡାକ ସେବା), ପୋଷ୍ଟମାଷ୍ଟର ଜେନେରାଲ କାର୍ଯ୍ୟାଳୟ, ସମ୍ବଲପୁର ଅଞ୍ଚଳ ପକ୍ଷରୁ ସୂଚନା ଦିଆଯାଇଛି।

ସମ୍ପାଦକୀୟ

32 YEARS

ସମ୍ବାଦ କଳିକା

# ସମସ୍ତଙ୍କ ପାଇଁ ଅଲଗା ଆଇଟିଆର୍ ଡେଡଲାଇନ୍

ଟ୍ୟାକ୍ସପେୟର୍ସ ବା କରଦାତାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖବର । ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଆୟକର ରିଟର୍ଣ୍ଣ (ITR) ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଆୟକର ବିଭାଗ ପକ୍ଷରୁ ଆସେସମେଣ୍ଟ ଇୟର ୨୦୨୬-୨୭ ପାଇଁ ଭିନ୍ନ ଭିନ୍ନ ବର୍ଗର କରଦାତାଙ୍କ ନିମନ୍ତେ ଅଲଗା ଅଲଗା ଡେଡଲାଇନ୍ ବା ଶେଷ ତାରିଖ ସ୍ଥିର କରାଯାଇଛି । ଆପଣଙ୍କ ରୋଜଗାରର ମାଧ୍ୟମ କ'ଣ ଏବଂ ଆପଣଙ୍କ ଆକାଉଣ୍ଟର ଅଡିଟ୍ ଜରୁରୀ କି ନୁହେଁ, ସେହି ଆଧାରରେ ଏହି ଡେଡଲାଇନ୍ ନିର୍ଦ୍ଧାରଣ ହୋଇଥାଏ । ସମୟ ସୀମା ମଧ୍ୟରେ ଆଇଟିଆର୍ ଦାଖଲ କରିବା ଅତ୍ୟନ୍ତ ଜରୁରୀ । ଏଥିରେ ବିଳମ୍ବ ହେଲେ ମୋଟା ଅଙ୍କର ଜରିମାନା ଏବଂ ସୁଧ ଦେବାକୁ ପଡ଼ିପାରେ । ଏହାଛଡ଼ା ଅନେକ ପ୍ରକାରର ଟ୍ୟାକ୍ସ ବେନିଫିଟ୍ ମଧ୍ୟ ହାତଛଡ଼ା ହୋଇଯିବାର ଆଶଙ୍କା ରହିଛି । ତେଣୁ ଶେଷ ମୁହୂର୍ତ୍ତର ଅସୁବିଧାରୁ ବଞ୍ଚିବା ପାଇଁ ନିଜ ବର୍ଗ ଅନୁସାରେ ସଠିକ୍ ଫର୍ମ ଏବଂ ଡେଡଲାଇନ୍ ବିଷୟରେ ଜାଣିରଖନ୍ତୁ । ଦରମା, ପେନସନ, ଗୋଟିଏ ଘରୁ ଭଡ଼ା ବାବଦ ଆୟ, ବ୍ୟାଙ୍କ ସୁଧ କିମ୍ବା କ୍ୟାପିଟାଲ ଗେନ୍ସ ମାଧ୍ୟମରେ ରୋଜଗାର କରୁଥିବା ବ୍ୟକ୍ତିମାନଙ୍କୁ ସାଧାରଣତଃ ITR-୧ କିମ୍ବା ITR-୨ ଫର୍ମ ପୂରଣ କରିବାକୁ ପଡ଼ିଥାଏ । ଏଭଳି କରଦାତାଙ୍କ ପାଇଁ ଆଇଟିଆର୍ ଦାଖଲ କରିବାର ଶେଷ ତାରିଖ ୩୧ ଜୁଲାଇ ୨୦୨୬ ଧାର୍ଯ୍ୟ କରାଯାଇଛି । ITR-୧: ଯେଉଁମାନଙ୍କର ବାର୍ଷିକ ଆୟ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ଆୟର ସୀମିତ ଉତ୍ସ ରହିଛି, ସେମାନେ ଏହି ଫର୍ମ ବ୍ୟବହାର କରିବେ । ITR-୨: ଯେଉଁମାନଙ୍କର ଏକରୁ ଅଧିକ ଘର ଅଛି, ଅଧିକ କ୍ୟାପିଟାଲ ଗେନ୍ସ ଅଛି କିମ୍ବା ଅନ୍ୟାନ୍ୟ ଅତିରିକ୍ତ ଆୟ ଅଛି କିନ୍ତୁ କୌଣସି ବ୍ୟବସାୟ ନାହିଁ, ସେମାନଙ୍କ ପାଇଁ ଏହି ଫର୍ମ ଉଦ୍ଦିଷ୍ଟ । ଏହି ସବୁ ଫର୍ମ ପାଇଁ ଆବଶ୍ୟକୀୟ ୟୁଟିଲିଟି ବ୍ୟବସ୍ଥା ଉପଲବ୍ଧ କରାଇ ଦିଆଯାଇଛି । ବ୍ୟବସାୟୀ ଏବଂ ପ୍ରଫେସନାଲ୍ସଙ୍କ ପାଇଁ ଭିନ୍ନ ନିୟମ: ଯେଉଁମାନେ ବ୍ୟବସାୟ କିମ୍ବା କୌଣସି ବୃତ୍ତି ମାଧ୍ୟମରେ ରୋଜଗାର କରୁଛନ୍ତି, ସେମାନଙ୍କ ପାଇଁ ଡେଡଲାଇନ୍ ଅଲଗା ରହିଛି । ଯେଉଁ କରଦାତାଙ୍କ ଆକାଉଣ୍ଟର ଅଡିଟ୍ କରିବା ଜରୁରୀ ନୁହେଁ, ସେମାନେ ITR-୩ କିମ୍ବା ITR-୪ ଫର୍ମ ଜରିଆରେ ୩୧ ଅଗଷ୍ଟ ୨୦୨୬ ସୁଦ୍ଧା ରିଟର୍ଣ୍ଣ ଦାଖଲ କରିପାରିବେ ଏହା ଛୋଟ ବ୍ୟବସାୟୀ ଏବଂ ପ୍ରଫେସନାଲମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ପ୍ରିଜମ୍ପଟିଭ୍ ଟ୍ୟାକ୍ସେସନ ସ୍କିମ୍‌ର ଲାଭ ଉଠାଉଛନ୍ତି । ତେବେ କମ୍ପାନୀର ଡିରେକ୍ଟର କିମ୍ବା ବିଦେଶରୁ ଆୟ କରୁଥିବା ଲୋକେ ଏହି ଫର୍ମ ବ୍ୟବହାର କରିପାରିବେ ନାହିଁ । ଯେଉଁ ବ୍ୟବସାୟୀ କିମ୍ବା ସଂସ୍ଥାଗୁଡ଼ିକର ଆକାଉଣ୍ଟ ଅଡିଟ୍ ହେବା ବାଧ୍ୟତାମୂଳକ, ସେମାନଙ୍କ ପାଇଁ ଶେଷ ତାରିଖ ୩୧ ଅକ୍ଟୋବର ୨୦୨୬ ରଖାଯାଇଛି । ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଡେଡଲାଇନ୍: ୩୦ ନଭେମ୍ବର ୨୦୨୬: ଯେଉଁ ମାମଲାରେ ଟ୍ରାନ୍ସଫର ପ୍ରାଇସିଂ ରିପୋର୍ଟ ଦାଖଲ କରିବାକୁ ପଡ଼ିଥାଏ, ସେମାନଙ୍କ ପାଇଁ ଏହି ତାରିଖ ଶେଷ । ୩୧ ଡିସେମ୍ବର ୨୦୨୬: ଯଦି କେହି ନିର୍ଦ୍ଧାରିତ ସମୟ ମଧ୍ୟରେ ରିଟର୍ଣ୍ଣ ଭରିପାରି ନାହାନ୍ତି, ତେବେ ସେମାନେ ଜରିମାନା ସହ ବିଳମ୍ବିତ ରିଟର୍ଣ୍ଣ ଦାଖଲ କରିପାରିବେ । ୩୧ ମାର୍ଚ୍ଚ ୨୦୨୭: ଯଦି ଆପଣ ଦାଖଲ କରିଥିବା ରିଟର୍ଣ୍ଣରେ କିଛି ଭୁଲ୍ ରହିଯାଇଛି, ତେବେ ଏହି ତାରିଖ ସୁଦ୍ଧା ସେଥିରେ ସଂଶୋଧନ କରିପାରିବେ । ୩୧ ମାର୍ଚ୍ଚ ୨୦୩୧: କରଦାତାମାନଙ୍କୁ ଅପଡେଟେଡ୍ ରିଟର୍ଣ୍ଣ (ITR-U) ଦାଖଲ କରିବାର ସୁବିଧା ମଧ୍ୟ ମିଳିବ, ଯେଉଁଥିରେ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ୨୦୩୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରିଟର୍ଣ୍ଣ ଅପଡେଟ୍ କରାଯାଇପାରିବ ।

ଆର୍ଥିକ ବିଶେଷଜ୍ଞଙ୍କ ଅନୁସାରେ, ସମସ୍ତ କରଦାତା ନିଜର ଫର୍ମ-୧୬, ବ୍ୟାଙ୍କ ଷ୍ଟେଟମେଣ୍ଟ, ନିବେଶ ସମ୍ବନ୍ଧୀୟ ଦଲିଲ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ପୂର୍ବରୁ ପ୍ରସ୍ତୁତ କରି ରଖିବା ଉଚିତ୍ । ସମୟ ପୂର୍ବରୁ ଆଇଟିଆର୍ ଦାଖଲ କଲେ କେବଳ ଜରିମାନାରୁ ମୁକ୍ତି ମିଳେ ନାହିଁ, ବରଂ ଟ୍ୟାକ୍ସ ସହ ଜଡ଼ିତ ଅନେକ ଲାଭ ମଧ୍ୟ ଠିକ୍ ସମୟରେ ମିଳିଥାଏ ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଶ୍ରେଷ୍ଠ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଭଗବାନ ଯେତେବେଳେ ଭକ୍ତକୁ ହେଉ କି ଶିଷ୍ୟକୁ ହେଉ ଶ୍ରେଷ୍ଠରୁ ଶ୍ରେଷ୍ଠତର ସୋପାନକୁ ନେବାକୁ ଚାହାଁନ୍ତି ସେତେବେଳେ ଶିଷ୍ୟ ହେଉକି ଭକ୍ତ ହେଉ ତାକୁ ଗରିଷ୍ଠରୁ ଗରିଷ୍ଠତାର କଷ୍ଟକୁ ଭୋଗ କରିବାକୁ ପଡିଥାଏ । ଏହାହିଁ ଭକ୍ତ ଭଗବାନଙ୍କର ମିଳନକୁ ଦୃଢ଼ିଭୂତ କରିଥାଏ । ବିଶ୍ୱାସର ପ୍ରତ୍ୟେକ ନିଶ୍ୱାସକୁ ସେ ଅନୁଭବ କରିଥାଏ । ତାପରେ ଯାଇଁ ସେ ଆତ୍ମ ଉପଲବ୍ଧି ପାଇ ସମାଜର ଶ୍ରେଷ୍ଠତର ସୋପାନକୁ ଅଳଙ୍କୃତ କରି ଜନ ସମାଜକୁ ସୃଷ୍ଟିର ତତ୍ତ୍ୱ ପ୍ରଦାନ କରି ଈଶ୍ୱରଙ୍କ ପ୍ରତ୍ୟେକ ରେଣୁକୁ ପ୍ରତ୍ୟେକ ଅଣୁକୁ ଜନ ସମାଜରେ ନିଷ୍ଠାର ସହିତ ପ୍ରତିପାଦିତ କରି ବିଶ୍ୱାସର ଅମୃତକୁ ଜନ ସମାଜରେ ଦେଇ ଭଗବତ୍ ପ୍ରାପ୍ତିର କୌଶଳତାକୁ ରହସ୍ୟାବୃତ ନକରି ସରଳୀକରଣ କରିଥାଏ । ସେ ହିଁ ପ୍ରକୃତ ଭକ୍ତ ଅଥବା ପ୍ରକୃତ ଶିଷ୍ୟ । ତେଣୁ ହେ ଭକ୍ତ ଯିଏ ଶ୍ରେଷ୍ଠତାକୁ ହାଲକାରେ ବିଚାରକୁ ନିଏ । ସେ ହିଁ ଈଶ୍ୱରଙ୍କର ଘନିଷ୍ଠ । ସେହିଁ ଈଶ୍ୱରଙ୍କର ଆତ୍ମା ସେହିଁ ପରମାତ୍ମାଙ୍କ ବିଭୂତି । ସେ ହିଁ ସମାଜର ଆଧାର । ତେଣୁ ହେ ଭକ୍ତ ପ୍ରତ୍ୟେକ ଭକ୍ତର ଭକ୍ତି ହିଁ ଶ୍ରେଷ୍ଠତାର ସିଡ଼ି,ତେଣୁ ସମୟ ନଷ୍ଟ ନକରି ନିଜର ପରିଚୟ ସମାଜରେ ଆବୃତ କରିବା ହେଉଛି ଭକ୍ତର ଧର୍ମ ମାନବର ଧର୍ମ,ଶିଷ୍ୟର ଧର୍ମ,ନଚେତ୍ ସବୁ ବୃଥା । ହରି ଓଁ । ◆◆

# କମ୍ବୁ କଟକର ରାଜା କଳା ସାଆନ୍ତେ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

କମ୍ବୁ କଟକର ରାଜା ଶ୍ରୀଜଗନ୍ନାଥ। ସେ ଦାରୁ ଦେବତା, ସ୍ୱୟଂ ପରଂବ୍ରହ୍ମ, ବିଜେ କରିଛନ୍ତି ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରରେ। ଉଡୁଛି ପତିତପାବନ ନେତ। ପାତକୀମାନଙ୍କୁ ହାତ ଠାରି ଡାକୁଛନ୍ତି, ଆପଣେଇ ନେଉଛନ୍ତି ଦୁଃଖୀ, ରଙ୍କି, ଯୋଗୀ ଭୋଗୀ, ରୋଗୀ ବୈରାଗୀ, ରାଜା ପ୍ରଜା - ସମସ୍ତଙ୍କୁ, ନାହିଁ ବାଛ ବିଚାର, ବଡ଼ସାନ ଭେଦଭାବ, ସର୍ବେ ଏକ ଏକାକାର। ତାଙ୍କର କରୁଣା ଟିକକ ପାଇଁ ସମସ୍ତେ ବ୍ୟାକୁଳ। ଯୋଗୀ, ମୁନି ଋଷିମାନେ କାଳେ କାଳେ ତପସ୍ୟାରତ, କଳ୍ପକଳ୍ପ ବିତି ଯାଇଛି, ହେଲେ ପାଇ ନାହାନ୍ତି ସେହି ପରମ ପୁରୁଷଙ୍କ ସାନ୍ନିଧ୍ୟ। ସାଧାରଣ ଭକ୍ତଟିଏ, ନାହିଁ ଜ୍ଞାନ ଗରିମା, ଜପ ତପ କ'ଣ ଜାଣେନି, ସମ୍ପୂର୍ଣ୍ଣ ଭାବେ ନିଜକୁ ସମର୍ପଣ କରିଦିଏ ସେଇ ଅପାଣି ପାଦୋ ଯବନୋଗ୍ରହୀତା, ଦାରୁ ଦିଅଁଙ୍କ ନିକଟରେ। ଝରି ପଡ଼େ କରୁଣାଶୀଷ, ଭକ୍ତ ମନ ଚାତକ ତୋଷ ହୁଏ। କାହା କାମ କୁମ୍ଭ ବା ମହାପ୍ରଭୁ ପୂର୍ଣ୍ଣ କରି ନାହାନ୍ତି ? ଭକ୍ତ ଅନ୍ତର କଥା ଜାଣି ପାରନ୍ତି ବୋଲି ସେ ତ ଅନ୍ତର୍ଯ୍ୟାମୀ। ଭାବଗ୍ରହଣ କରି ସେ ଭାବବିନୋଦିଆ, ପତିତ ଜନଙ୍କ ପାଇଁ ଜଗବନ୍ଧୁ, ପତିତପାବନ ଆର୍ତ୍ତତ୍ରାଣ। କିଏ ତାଙ୍କୁ ଦେଖେ କେତେ ରୂପରେ। କାହା ପାଇଁ ସେ ଅରୂପ ଅଣାକାର, ନିର୍ଗୁଣ, ନିର୍ବିଶେଷ, ନିର୍ବିକଳ୍ପ ଅବା ଅଚିନ୍ତ୍ୟ ଅନିର୍ବଚନୀୟ। କିନ୍ତୁ ସାଧାରଣ ଭକ୍ତଟି ଦେଖେ ତାଙ୍କୁ ବନ୍ଧୁ ଭାବରେ, ସଖାରୂପରେ। ତା' ପାଇଁ ଲୋଡ଼ା ନାହିଁ ଅତନ୍ଦ୍ରିୟ ଅସୀମର ପରିକଳ୍ପନା। ଶ୍ରୀଜଗନ୍ନାଥ ତା' ନିକଟରେ ସୁଗଣ, ସାକାର, ଅନନ୍ତ ବିଭୂତି, ଅପରୂପ ସୌନ୍ଦର୍ଯ୍ୟର ଆଧାର। ତାଙ୍କର ଶାନ୍ତ, କାନ୍ତ, କମନୀୟ ରୂପକାନ୍ତିରେ ବିହ୍ୱଳ ହୋଇଯାଏ ଭକ୍ତଟିଏ। ତଲ୍ଲୀନ ହୋଇଯାଏ ଦାସ୍ୟ, ସଖ୍ୟ ଭାବରେ, ଅବଗାହନ କରେ ଲାବଣ୍ୟ ସିନ୍ଧୁରେ। ଏଣିକି ଭକ୍ତ ଭଗବାନ ଅଭିନ୍ନ। ଘୁଞ୍ଚିଯାଏ ଦୁଃଖ ଯନ୍ତ୍ରଣାର ରାହୁ। ଭକ୍ତଟିଏ ଉର୍ଦ୍ଧ୍ୱ ବାହୁ ହୋଇ ସ୍ତୁତି କରେ, ସ୍ତବପାଠରେ, ହଜି ମଜ୍ଜିଯାଏ। ସେ ଦିନ ମଧ୍ୟ ବିହ୍ୱଳ ହୋଇ ଯାଇଥିଲେ ଭକ୍ତକବି ଦୀନକୃଷ୍ଣ, ନୀଳକନ୍ଦରିଆ ପଦାରବିନ୍ଦରେ ନିଜକୁ ସମର୍ପଣ କରିଦେଇଥିଲେ। ଝରି ପଡୁଛି ଆନନ୍ଦାଶ୍ରୁ, ଭକ୍ତି ଗଦ୍ ଗଦ୍ ଚିତ୍ତରେ ଗାଇଲେ-

"ଜଗବନ୍ଧୁ ପରି ଜଣେ ସାମନ୍ତ / ନାହିଁ ନାହିଁ ତ, / ଚଉଦ ଭୁବନ ବାରତା ଜାଣନ୍ତି / ଚକ୍ରରେ ଛେଦନ୍ତି ଆରତ।"

ରାଜାଧିରାଜ ଶ୍ରୀଜଗନ୍ନାଥଙ୍କ ଅଶେଷ କରୁଣା। ସମଗ୍ର ସୃଷ୍ଟିର ସେ ହର୍ତ୍ତା, କର୍ତ୍ତା, ଦୈବ ବିଧାତା।

ବଡ଼ ବିଚିତ୍ର ସେ ସାମନ୍ତ, ଅଲୌକିକ ତାଙ୍କ ଲୀଳା। ଦାରୁ ଦେବତା ସାଧାରଣ ମନୁଷ୍ୟ ନୁହନ୍ତି, ତ୍ରିଭୁବନର ଅଧିପତି, ଅଖିଳ ବ୍ରହ୍ମାଣ୍ଡର ସ୍ରଷ୍ଟା, ପାଳକ, ନିୟାମକ, ସଂହାରକର୍ତ୍ତା ମଧ୍ୟ। କୋଟି ହୃଦୟର ସେ ରାଜେଶ୍ୱର। ଦୁଃଖ ନିବାରଣ, ସନ୍ଥପାଳନ, ଗୋବ୍ରାହ୍ମଣ ହିତାର୍ଥେ ତାଙ୍କର ଅବତାର। କାହାପାଇଁ ସେ ମହାବାହୁ, ଜଗତ ଈଶ୍ୱର, ବଳିଆର ଭୁଜ; ମାତ୍ର ଓଡ଼ିଆଟିର ସେ ଗେହ୍ଲାପୁଅ। ଅତି ଆଦରରେ, ସ୍ନେହରେ ଓଡ଼ିଆଟି ତାଙ୍କୁ ଡାକେ କଳାଠାକୁର, କାଳିଆହାତୀ, କାଳିଆ ଦିଅଁ। ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି, ବେଶଭୂଷା, ପ୍ରତିଟିରେ ଦେଖିବାକୁ ମିଳେ ଓଡ଼ିଆ ଜନଜୀବନର କଥା। କରୁଣାମୟ ଶ୍ରୀଜଗନ୍ନାଥ ନୀଳକନ୍ଦରରେ ବିଜେ କରି ଅନୁଗୃହୀତ କରିଛନ୍ତି ଏଜାତିକୁ। ଓଡ଼ିଶା ପାଲଟିଛି ପୁଣ୍ୟଭୂମି, ସାରା ଭାରତବର୍ଷରେ ଉତ୍କଳ ଦେଶ ଠାକୁର ଦେଶ ନାମେ ଖ୍ୟାତ। ଓଡ଼ିଶାର ଜାତୀୟ ଜୀବନ, ଧର୍ମ, ଦର୍ଶନ - ସବୁଥିରେ ଜଗନ୍ନାଥଙ୍କ ସଂସ୍କୃତିର ପ୍ରାଣ ପ୍ରକାଶ। ଓଡ଼ିଶାର ଧର୍ମ କହିଲେ ଜଗନ୍ନାଥ ଉପାସନା, ଗୋଟେ କଥାରେ କହିଲେ ଜଗନ୍ନାଥ ହିଁ ସକଳ ବିଭବର ପ୍ରାଣକେନ୍ଦ୍ର। ଏହି ପୁଣ୍ୟଭୂମିରେ କେତେକେତେ ଧର୍ମର ବାତ୍ୟା ବହିଯାଇଛି। ହେଲେ ରହସ୍ୟମୟ ଦାରୁଦେବତା ଚିର ଅଚଳ ଅଟଳ। ଶ୍ରୀକ୍ଷେତ୍ରକୁ ଅନେକ ଦାର୍ଶନିକ, ଧର୍ମ ପ୍ରଚାରକ ଆସିଛନ୍ତି। ଆପଣା ଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ବ୍ୟାକୁଳତା ପ୍ରକାଶ କରିଛନ୍ତି। ମାତ୍ର ସଫଳ ହୋଇ ପାରିନାହାନ୍ତି। ଯାହାକିଛି ନୂତନ ଜନତାଦ୍ୱାରା ବିବେଚିତ, ସେ ସମସ୍ତ ଜଗନ୍ନାଥଙ୍କ ଠାରେ ଆରୋପିତ। ଶ୍ରୀକ୍ଷେତ୍ର ପାଲଟିଛି ସର୍ବଧର୍ମ ସମନ୍ୱୟର ପୀଠ। ଆଦ୍ୟରେ ଶବର ଉପଜାତି ଉପାସନାରୁ କାଳିଆ ସାଆନ୍ତଙ୍କ ଆବିର୍ଭାବ। କାଳକ୍ରମେ ଜୈନ, ବୌଦ୍ଧ, ତାନ୍ତ୍ରିକ, ଶୈବ, ଶାକ୍ତ, ଗାଣପତ୍ୟ, ସୌର ଆଦି ସକଳ ଆର୍ଯ୍ୟଧର୍ମ ଦ୍ୱାରା ଗୃହୀତ। ବିଶିଷ୍ଟ ଦ୍ୱୈତବାଦୀ ଶ୍ରୀମଦ୍ ରାମାନୁଚାର୍ଯ୍ୟ, ସେ ଜଗନ୍ନାଥଙ୍କୁ ପରମଲକ୍ଷ୍ମୀ 'କାନ୍ତ୍ୟାକାଞ୍ଚନ ସନ୍ନିଭାଂ"ଙ୍କ ସ୍ୱାମୀ ସେହି ପରମଲକ୍ଷ୍ମୀ ଶ୍ରୀଦେବୀ ନାମ ଆଖ୍ୟା ଦେଇଛନ୍ତି। ଉଡ୍‌ଡ୍ରୀୟାନ ତନ୍ତ୍ରାନୁଯାୟୀ ସେ ମହାକାଳ, ପୂଜା ପାଆନ୍ତି ଦକ୍ଷିଣାଚାର, ବାମାଚାର ମନ୍ତ୍ରରେ। କେବଳ ସେ କାଳଭୈରବ ନୁହନ୍ତି, କାଳାତୀତ ଭୈରବ। ତାଙ୍କ ପୀଠ ନବତ୍ରିକୋଣ ଶ୍ରୀଚକ୍ର (ତାନ୍ତ୍ରିକ ଚକ୍ର) ଉପରେ ପ୍ରତିଷ୍ଠିତ। ସେ ପୁଣି ମହା ବଉଦ୍ଧ ରୂପ ଯେ 'ବିକାଶ ତିନିରେଖା ମାର୍ଜିତ ବୌଦ୍ଧଧର୍ମ ବୁଦ୍ଧଙ୍କର ମୂର୍ତ୍ତିମନ୍ତ ପ୍ରତୀକ'। କୁଳାଚାରୀ ଜୈନଙ୍କର ସେ 'ପଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଚ୍ଚିତଂ'। ସ୍ୱୟଂ ବ୍ରହ୍ମା ଏହି ରହସ୍ୟମୟ ଦେବତାଙ୍କର ପାଇନାହାନ୍ତି ଆଦି ଅନ୍ତ। ଛାର ମନୁଷ୍ୟ ବା ତାଙ୍କୁ କିପରି ବୁଝିବ ? ଏଇ କଥାଟି ଶ୍ରୁତିରେ ବର୍ଣ୍ଣିତ - "ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ / ଦେବାଃ ନ ଜାନାନ୍ତି କୁତ ମନୁଷ୍ୟଃ।"

ଜଗନ୍ନାଥ ପୁରୁଷୋତ୍ତମ, ସେ କ୍ଷରରୁ ଅତୀତ, ଅକ୍ଷରରୁ ଉତ୍ତମ, ତେଣୁ ସେ ନିରାକାର, ଗୀତାରେ ପୁରୁଷୋତ୍ତମ ଯୋଗ, ପଞ୍ଚଦଶ ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି - "ଯସ୍ମାତ୍ କ୍ଷରମତୀତୋଽହମ୍ କ୍ଷରାଦପି ଚୋତ୍ତମଃ / ଅତୋଽସ୍ମିନ ଲୋକେ ବେଦେ ଚ ପ୍ରତିଥଃ ପୁରୁଷୋତ୍ତମଃ।"

ଶ୍ରୀଜଗନ୍ନାଥ ସ୍ୱୟଂ ଅବତାରୀ, କଚ୍ଛପ ମତ୍ସ୍ୟାଦି ଅବତାରର ସେ ଜନକ। ସେ ପୁଣି ଷୋଳକଳା। ସଗୁଣ ନିର୍ଗୁଣ ବ୍ରହ୍ମ ବ୍ୟତିରେକେ ପୂର୍ଣ୍ଣବ୍ରହ୍ମ। ସବୁ ଅବତାର ମଧ୍ୟରେ ସେ ଗଠିତ। କବି ଜୟଦେବ ତାହା ଉଲ୍ଲେଖ କରିଛନ୍ତି- "ବେଦାନୁଦ୍ଧରତେ ଜଗନ୍ନିବହତେ ଭୂଗୋଳମୁଦ୍ ବିଭ୍ରତେ/ ଦୈତ୍ୟଂ ଦାରୟତେ ବଳିଂ ଛଳୟତେ କ୍ଷତ୍ରକ୍ଷୟଂ କୁର୍ବତେ / ପୌଲସ୍ତ୍ୟଂ ଜୟତେ ହଳଂ କଳୟତେ କାରୁଣ୍ୟ ମାତନ୍ୱତେ / ମ୍ଲେଚ୍ଛାନ୍‌ମୂର୍ଚ୍ଛୟତେ ଦଶାକୃତି କୃତେ କୃଷ୍ଣାୟ ତୁଭ୍ୟ ନମଃ।"

ଦ୍ୱୈତାଦ୍ୱୈତବାଦୀ ନିମ୍ବାର୍କ, ଅଦ୍ୱୈତବାଦୀ ଶ୍ରୀଆଦିଶଙ୍କର, ଶ୍ରୀରାମାନୁଜ, ଦ୍ୱୈତବାଦୀ ମାଧ୍ୱାଚାର୍ଯ୍ୟ, ଭେଦାଭେଦବାଦୀ ଶ୍ରୀଭାସ୍କର - ଏମାନେ ଶ୍ରୀଜଗନ୍ନାଥଙ୍କୁ କଳାଶ୍ରେଷ୍ଠ ଭାବେ ଗ୍ରହଣ କରିଛନ୍ତି। ପଞ୍ଚରାତ୍ରିପାସନା, ଭାବଭକ୍ତି ସାଧନା, ରାମାନୁଗାସାଧନାର କେନ୍ଦ୍ରସ୍ଥଳୀ ଶ୍ରୀଜଗନ୍ନାଥ। ରୂପଗୋସ୍ୱାମୀ ତାଙ୍କୁ କାଳିନ୍ଦୀ କୂଳିଆ, କାଇଁଚମାଳିଆ, କେକୀପୁଚ୍ଛ ଚାରୁଚୂଳିଆ ଭାବେ ଗ୍ରହଣ କରିଛନ୍ତି -

"ପ୍ରିୟ ସୋଽୟଂ କୃଷ୍ଣ ସହଚରି ! କୁରୁକ୍ଷେତ୍ରେ ମିଳିତଃ / ସ୍ତଥାହଂ ସୋରାଧା ତଦିଦ ମୁଭୟୋଃ ସଙ୍ଗମ ସୁଖମ୍ / ତଥାପ୍ୟନ୍ତଃ ଖେଳିନ ମଧୁର ମୂରଲୀପଞ୍ଚାମଜୁଷେ / ନମୋ ମେ କାଳିନ୍ଦୀ ପୁଳିନ ବିପିନାୟ ସ୍ପୃହୟତି।"

ଚୌରାଶି କୋଟି ତୀର୍ଥର ରାଜା, ତିନିଭୁବନର ନାଥ - ଶ୍ରୀଜଗନ୍ନାଥ। ସେ ଜଗତର ନାଥ ଅର୍ଥାତ୍ ପ୍ରଭୁ। ପ୍ରଭୁ ବା ନାଥ ଧାରଣା ମଧ୍ୟରେ 'ବନ୍ଧୁ' ଧାରଣାଟି ଅନନ୍ୟ, ଅସାଧାରଣ ମଧ୍ୟ। ସାରା ବ୍ରହ୍ମାଣ୍ଡରେ ଏମିତି ଦେବତା ନାହାନ୍ତି, ଯାହାଙ୍କୁ ଭକ୍ତଟିଏ ବନ୍ଧୁଭାବେ ଆପଣେଇ ନେଇଛି। କିନ୍ତୁ ଜଗନ୍ନାଥଙ୍କୁ ଉପାସକଟିଏ ବନ୍ଧୁଭାବେ ଆଦରି ନିଏ। ତାଙ୍କୁ ଦର୍ଶନ କରିବା ପାଇଁ କିଛି ନୀତି ନିୟମ ନାହିଁ। 'ଅପବିତ୍ରଃ ପବିତ୍ରୋ ବା ସର୍ବାବସ୍ଥାଂ ଗତୋଽପି ବା' - ନ୍ୟାୟରେ କିଛି ବାଛ ବିଚାର ନାହିଁ। ବଡ଼ ଦାଣ୍ଡରେ ଚାଲି ଚାଲି ଆସେ ଭକ୍ତଟିଏ। ପାଦ ତା'ର ଧୂଳି ଧୂଷରିତ, ପଦ ପ୍ରକ୍ଷାଳନର ଆବଶ୍ୟକତା ନାହିଁ। ସିଧା ଯାଇ ପହଞ୍ଚେ ରତ୍ନବେଦୀ ନିକଟରେ। ଦିଅଁ ଦର୍ଶନ ଆକାଙ୍‌କ୍ଷା ତା'ର ପହଞ୍ଚେ ଚରମସୀମାରେ। ଆବେଗରେ, ଭକ୍ତି ଗଦ୍‌ଗଦ୍ ଚିତ୍ତରେ ଆଲିଙ୍ଗନ କରେ କାଳିଆ ସାଆନ୍ତଙ୍କୁ। ସେଠି ନଥାଏ ଉପାସ୍ୟ ଉପାସକ ମଧ୍ୟରେ ପାର୍ଥକ୍ୟ। ନଥାଏ ଭକ୍ତ-ଭଗବାନ, ଦେବତା-ମଣିଷ, ଦାସ-ପ୍ରଭୁ, ସେବ୍ୟ-ସେବକର ବିଚାର ଭେଦ। ସୃଷ୍ଟି, ସ୍ଥିତି, ସଂହାରକାରୀ ଜଗଦିଶ୍ୱର ଜଗନ୍ନାଥ, ସେ ମଧ୍ୟ ଜୀବଜଗତର 'ଅହଂ' ବା ମୁଁ ଭାବେ ଜଗବନ୍ଧୁ, ଭେଦଭାବ ଶୂନ୍ୟ ଅଚିନ୍ତ୍ୟ ଭେଦାଭେଦ, ଜୀବରୂପୀ କ୍ଷର ପୁରୁଷ, ପରମାତ୍ମାରୂପୀ ଅକ୍ଷର ପୁରୁଷ, ଦିହେଁ ଏକା - ସମାନ। ଉପାସକ ପୁରୁଷ, ଉପାସ୍ୟ ପୁରୁଷ ମଧ୍ୟରେ ବନ୍ଧୁତା ଜଗବନ୍ଧୁ ନାମକୁ ସାର୍ଥକ କରିଛି। ସେଇଥିପାଇଁ ତ ଭକ୍ତ ଦାସିଆ ବାଉରି, ବନ୍ଧୁ ମହାନ୍ତି, ରଘୁ ଅରକ୍ଷିତଙ୍କର ସେ ବନ୍ଧୁ। ସେଦିନ କେହି ଜଣେ ମହାନ୍ତି ପୁଅ, ତାଙ୍କ ଶ୍ରୀମତୀ ପିଲାପିଲିଙ୍କୁ ଧରି ବାହାରିଲେ ବନ୍ଧୁଘର। ପହଞ୍ଚିଲେ ଶ୍ରୀମନ୍ଦିର, ସିଂହଦ୍ୱାର ବନ୍ଦ, ଉପାସ ଭୋକେ ଶୋଇଗଲେ ଶ୍ରୀମନ୍ଦିର ସମ୍ମୁଖରେ। ଅନ୍ତର୍ଯ୍ୟାମୀ ନାରାୟଣ। ବନ୍ଧୁ ମନକଥା ବୁଝିଲେ, ପହଞ୍ଚାଇ ଦେଲେ ସୁନାଥାଳିରେ ଖରି, ପୁରି, ଆରିସା, ଲହୁଣି, ମଗଜ ଲଡୁ - ବନ୍ଧୁଙ୍କ ପାଖରେ। ନିଦ୍ରାଭଙ୍ଗ ହୁଅନ୍ତେ ପାଖରେ କେହି ନଥିଲେ। ଶ୍ରୀମତୀ, ପିଲାଙ୍କ ସହ ମହାନ୍ତି ପ୍ରସାଦ ସେବନ କଲେ, ପାଖରେ ରହିଗଲା ଜଗନ୍ନାଥଙ୍କ ସୁନାଥାଳିଟି। ରାତି ପାହିଲା। ଚହଳ ପଡ଼ିଗଲା, ମହାନ୍ତି ଚୋରବୋଲି ସାବ୍ୟସ୍ତ ହେଲେ, ରହିଲେ ବନ୍ଦୀଶାଳରେ। ଗଜପତିଙ୍କୁ ସ୍ୱପ୍ନାଦେଶ ହେଲା। ଗଜପତି ରାଜା, ଜଗନ୍ନାଥଙ୍କ ବନ୍ଧୁ, ବନ୍ଧୁ ମହାନ୍ତିଙ୍କୁ ପାଟଶାଢ଼ି ଦେଇ ସମ୍ମାନିତ କଲେ। ମହାପ୍ରଭୁଙ୍କ ବନ୍ଧୁପଣ କୀର୍ତ୍ତି ଯୁଗଯୁଗକୁ ରହିଗଲା। କେବଳ ସେତିକି ନୁହେଁ, ଯିଏ ଯେତେବେଳେ ଡାକିଛି, ଜଗନ୍ନାଥ ତାଙ୍କ ମିନତି ଶୁଣିଛନ୍ତି, ଦୁଃଖ ହରିଛନ୍ତି। ଦୟାମୟଙ୍କ ଅପାର କରୁଣା, ବଖାଣିଛନ୍ତି ଭକ୍ତ ଚନ୍ଦନ ହଜୁରୀ - "କରୀ-ହରିଣୀ ଦ୍ରୌପଦୀ-ବିପତ୍ତି / ହରି ! ହରି ଡେରିଛ ପରା ଶ୍ରୁତି / ଦରିଦ୍ର ସୁଦାମାକୁ କୋଟିନିଧି / ପରିପୂର୍ଣ୍ଣେ ଦେଲେ କୃପା ବାରିଧି ହେ / ଧରିଯା ମହିମା ଚିତ୍ତେ ହେ / ସରିତ ଯାଉଛି ହରି ! ଆଉଥରେ ନଚାହିଁଲେ କୃପାନେତ୍ର ହେ।"

ଜଗବନ୍ଧୁ, ସେ ଦୟାର ସାଗର, କୃପାସିନ୍ଧୁ, କରୁଣା ବାରିଧି ଦୁଃଖନାଶ, ଗରୁଡ଼ାସନ। ତାଙ୍କୁ ଦୁଃଖ ଜଣାଇଲେ ଶୁଣନ୍ତି, ଦୁର୍ଦ୍ଦଶାର କାଳରାହୁକୁ ଛେଦନ କରନ୍ତି, ଜୀବକୁ କୈବଲ୍ୟ ଦିଅନ୍ତି। ନାଥ ବିଶେଷରେ ବଦ୍ରିନାଥ, କାଶିନାଥ, ଦ୍ୱାରିକାନାଥ - ଏମିତି ଅନେକ ନାଥ ଅଛନ୍ତି। ମାତ୍ର ଜଗତର ନାଥ ଜଗନ୍ନାଥ, ଏକମାତ୍ର ସେ କୈବଲ୍ୟ ବା ମୁକ୍ତିର ଅଧିକାରୀ। ସେଇଥିପାଇଁ ସାଧାରଣ ଭକ୍ତଟିଏ ବିଚାରକରେ, "ସକଳ ତୀର୍ଥ ତୋ ଚରଣେ / ବଦ୍ରିକା ଯିବି କି କାରଣେ।" ତାଙ୍କ ନିକଟରେ ଆତ୍ମସମର୍ପଣ କଲେ, ଜୀବ (ଆତ୍ମା) ଅଜୀବ (ଦେହ)ରୁ ଅଲଗା ହୋଇଯାଏ। ଏହି ପୃଥକୀକରଣ ହିଁ କୈବଲ୍ୟ। କୈବଲ୍ୟ ଶବ୍ଦରୁ କୋଇଲି ବୈକୁଣ୍ଠ। କୋଇଲି (ଦେହ, ମନ୍ଦିର, ଦେଉଳ) ବୈକୁଣ୍ଠ (ଯେଉଁଠି କୁଣ୍ଠାନାହିଁ, ଜାତିଭେଦ ନାହିଁ) - ଏଠାରେ ଜାତି ଧର୍ମ ଲିଙ୍ଗର ଭେଦାଭେଦ ନାହିଁ। ସେଠାରେ ପ୍ରତ୍ୟେକ ନିଜ ନିଜର ନାମ ଜାତି ଗୋତ୍ର ଲିପିବଦ୍ଧ କରାନ୍ତି। ପଣ୍ଡାମାନେ ଏହି ତାଲିକା କରିଥାଆନ୍ତି। ମହାପ୍ରସାଦକୁ ମଧ୍ୟ କୈବଲ୍ୟ କୁହାଯାଏ। ହିନ୍ଦୁମାନଙ୍କ ପାଇଁ ଏହା ଅତି ପବିତ୍ର। ମରଣକାଳେ ଏଥିରୁ କଣିକାଏ ତୁଣ୍ଡରେ ପାଇଲେ ଜୀବ ମୋକ୍ଷ ହୋଇଯାଏ - ଏଇଟି ଅକାଟ୍ୟ ବିଶ୍ୱାସ।

କାଳିଆ ସାଆନ୍ତ ତାଙ୍କ ପତିତପାବନ ନାମକୁ ସାର୍ଥକ କରିଛନ୍ତି। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଓହ୍ଲାଇ ଆସନ୍ତି ରତ୍ନବେଦୀରୁ, ବିଜେ କରନ୍ତି ନନ୍ଦିଘୋଷରେ। ଆରମ୍ଭ ହୁଏ ନବଦିନ ବ୍ୟାପୀ ଘୋଷଯାତ୍ରା। ତାଙ୍କୁ ଆଖି ପୂରାଇ ଦେଖେ ସାରାଜଗତ। ଜଗତର ନାଥ ଆଜି ଜନସମୁଦ୍ର ମଧ୍ୟରେ, ଭକ୍ତଙ୍କ ଗହଣରେ। କିଏ ରଥ ରଜ୍ଜୁ ତ ଆଉ କେହି ଆବେଗରେ ନନ୍ଦିଘୋଷକୁ ଟିକେ ଛୁଇଁବା ପାଇଁ ସଭିଁଙ୍କ ବ୍ୟାକୁଳତା। ଜଗବନ୍ଧୁଙ୍କୁ ରଥରେ ଦର୍ଶନକଲେ ମିଳିଯିବ କୈବଲ୍ୟ। ଏକଥାକୁ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଲେଖିଛନ୍ତି 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ - "ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର, / ପତିତପାବନ ଅର୍ଥରେ ପ୍ରାସାଦୁଁ ବାହାର।" ସେହିପରି କପିଳ ସଂହିତାରେ ଉଲ୍ଲେଖ ଅଛି - "ଦୋଳେଚ ଦୋଳ ଗୋବିନ୍ଦଂ ଚାପେଷ୍ଟ ମଧୁସୂଦନଂ/ ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନ ବିଦ୍ୟତେ।" ବର୍ଷସାରା ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରେ, ରାଜକୀୟ ବିଳାସ, ବ୍ୟସନ, ପ୍ରାଚୁର୍ଯ୍ୟର ବି ଅଭାବ ନାହିଁ। କେତେବେଳେ ରାଜାରାଜେଶ୍ୱର ତ କେତେବେଳେ ସାଧାରଣ ଓଡ଼ିଆର ବେଶଭୂଷା, ଚଳଣି। କିନ୍ତୁ ସମସ୍ତ ସମ୍ପ୍ରଦାୟର ଭକ୍ତ ତାଙ୍କୁ ରତ୍ନସିଂହାସନରେ ଦର୍ଶନ କରି ପାରନ୍ତି ନାହିଁ। ମହାପ୍ରଭୁଙ୍କ ସୁନାବେଶ ଦେଖିବାରୁ ବଞ୍ଚିତ ହୁଅନ୍ତି। ସେମାନଙ୍କ ମନର ବେଦନା ମହାପ୍ରଭୁ ବୁଝନ୍ତି। ଆଷାଢ଼ ଶୁକ୍ଳ ଏକାଦଶୀରେ ଜଗବନ୍ଧୁ ମହଣ ମହଣ ସୁନାରେ ବିଭୂଷିତ ହୁଅନ୍ତି। ରଥଉପରେ ଏଇ ରାଜରାଜେଶ୍ୱର ବେଶକୁ ସନ୍ଦର୍ଶନ କରେ ସାରାବିଶ୍ୱ। ତନ୍ମୟ ହୋଇଯାଏ ଭକ୍ତଟି। ଜଗବନ୍ଧୁଙ୍କ ଏଇଟି ଅନନ୍ୟ ଲୀଳା।

ଜଗବନ୍ଧୁଙ୍କୁ ନନ୍ଦିଘୋଷରୂଢ଼, ତାଙ୍କୁ ବାମନ ରୂପରେ ଦର୍ଶନ କରେ ଭକ୍ତଟିଏ। ପାଇଯାଏ କୋଟି ଜନ୍ମର ପୁଣ୍ୟଫଳ, ଭବ ବନ୍ଧନରୁ ମୁକୁଳିଯାଏ। ଆଉ ଜଠର ଜଳରେ ନୁହେଁ; ଏବେ ବୈକୁଣ୍ଠରେ ନିବାସ। ମର୍ତ୍ତ୍ୟବୈକୁଣ୍ଠରୁ ଯାତ୍ରା ଗୋଲକଧାମକୁ, ସେଇଠି ଦେଖିବ ନିତ୍ୟ ବୃନ୍ଦାବନରେ, ମହାପ୍ରଭୁଙ୍କ ନିତ୍ୟରାସ। ଏଣିକି ରକୁଣାରଥ ଅଣ ଲେଉଟା, ନାହିଁ ପୁନର୍ଜନ୍ମ। ଅନୁରୂପ କଥାଟି ଲେଖିଛନ୍ତି କବିସମ୍ରାଟ୍ - "ସେ କମ୍ବୁକଟକ ରାଜା ନାମ ଜଗନ୍ନାଥ / ଚଉବର୍ଗେ ଚଉବର୍ଗ ଦେବାକୁ ସମର୍ଥ।"

ଜଗନ୍ନାଥ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର - ଏଇ ଚଉବର୍ଗକୁ ଜଗନ୍ନାଥ ସାଂସାରିକ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରଦାନ କରନ୍ତି। ତାଙ୍କରି ପାଦରେ ପ୍ରଣତି ବାଢ଼ି ଜ୍ଞାନୀଟିଏ ତନ୍ମୟ ହୋଇ ପ୍ରାର୍ଥନା କରେ -

"ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ / ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ, / ଜଗଦାନନ୍ଦକନ୍ଦାୟ ପ୍ରଣତାର୍ତ୍ତ ହାରାୟଚ / ନୀଳାଚଳ ନିବାସାୟ ଜଗନ୍ନାଥାୟତେ ନମଃ।"

ଦୀନ, ହୀନ ଭକ୍ତଟିଏ, ଜଗବନ୍ଧୁଙ୍କୁ ମାଗୁନି ଅଣିମାଦି ଅଷ୍ଟରତ୍ନ, ଇନ୍ଦ୍ରପଦ ଅବା ନନ୍ଦନବନ ପାରିଜାତ, କୁବେର ସମ୍ପତ୍ତି, ଭକ୍ତ ବନମାଳୀ ଦାସଙ୍କ ପରି କେବଳ ମାଗୁଛି 'ଶରଧା ବାଲିରୁ ହାତେ'। ଶ୍ରୀଛାମୁରେ ନିବେଦନ କରୁଛି, "ଏହି ଅଳି ଶ୍ରୀଛାମୁରେ ଦୀନବନ୍ଧୁ / ଏହି ଅଳି ଶ୍ରୀଛାମୁରେ / ଶ୍ରୀରଙ୍ଗା ଚରଣ ସେବାରେ ମୋ ମନ/ ରହିଥାଉ ନିରନ୍ତରେ / ଦାନାକନା ପଛେ ମନା ହେଉ ମୋତେ / ନୀଳଚକ୍ର ବାନା ଚାହିଁ / ସୁଖୀ ହେଉଥିବି ଅଖିଳ ପତିହେ ନିର୍ଦ୍ଦୟ ହୋଇବ ନାହିଁ।" କୋଟି ବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ, କରନ୍ତି ପୂର୍ଣ୍ଣ ପ୍ରାଣୀ ମନୋରଥ। ଏମନ୍ତ ସାମନ୍ତ ତ୍ରିଭୁବନରେ ନାହିଁ ନାହିଁ ତ, ଜଗବନ୍ଧୁ ପରି ଜଣେ ସାମନ୍ତ !

# 'ନାଳନ୍ଦା' ଭାରତର ସମୃଦ୍ଧ ଶୈକ୍ଷିକ ଏବଂ ସାଂସ୍କୃତିକ ଐତିହ୍ୟର ପ୍ରମାଣ !



ଅସିତ ମହାନ୍ତି
ଆବାହକ , ଓଡ଼ିଆ ଭାଷା
ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ନାଳନ୍ଦା କେବଳ ଏକ ବିଶ୍ୱବିଦ୍ୟାଳୟ ନଥିଲା - ଏହା ଏକ ସଭ୍ୟତାର ଆଲୋକମାଳ ଥିଲା। ଏହାର ଉଜ୍ଜ୍ୱଳତା ଅନେକ କାରଣର ସଙ୍ଗମରୁ ଆସିଥିଲା ଯାହା ଏହାକୁ ପ୍ରାଚୀନ ଇତିହାସରେ ଶିକ୍ଷାର ସର୍ବୋତ୍ତମ କେନ୍ଦ୍ର ମଧ୍ୟରୁ ଗୋଟିଏ କରିଥିଲା: ବୌଦ୍ଧିକ ଚୁମ୍ବକବାଦ: ଗୁପ୍ତ ରାଜବଂଶର କୁମାରଗୁପ୍ତ ପ୍ରଥମଙ୍କ ଦ୍ୱାରା ୫ମ ଶତାବ୍ଦୀରେ ପ୍ରତିଷ୍ଠିତ, ନାଳନ୍ଦା ସମଗ୍ର ଏସିଆର ବିଦ୍ୱାନମାନଙ୍କୁ ଆକର୍ଷିତ କରିଥିଲା - ଚୀନ୍, କୋରିଆ, ତିବ୍ବତ, ଜାପାନ ଏବଂ ଦକ୍ଷିଣ ପୂର୍ବ ଏସିଆ। ଏହା ଏକ ବହୁବିଧ ପାଠ୍ୟକ୍ରମ ପ୍ରଦାନ କରିଥିଲା: ବୌଦ୍ଧ ଦର୍ଶନ, ତର୍କ, ବ୍ୟାକରଣ, ଔଷଧ, ଜ୍ୟୋତିର୍ବିଜ୍ଞାନ, ଗଣିତ, ଏବଂ ଏପରିକି ସୂକ୍ଷ୍ମ କଳା ଏବଂ ଧନୁର୍ବିଦ୍ୟା। ନାଗାର୍ଜୁନ, ଆର୍ଯ୍ୟଭଟ୍ଟ, ଧର୍ମକୀର୍ତ୍ତି ଏବଂ ଜୁଆନଜାଙ୍ଗଙ୍କ ପରି ପ୍ରଖ୍ୟାତ ବିଦ୍ୱାନମାନେ ଏଠାରେ ଅଧ୍ୟୟନ କରିଥିଲେ କିମ୍ବା ଶିକ୍ଷା ଦେଇଥିଲେ। ଅନ୍ୟ କୌଣସି ପରି ଏକ ପାଠାଗାର: ନାଳନ୍ଦାର ପାଠାଗାର, ଧର୍ମଗଞ୍ଜ, ତିନୋଟି କୋଠାରେ ବିଭକ୍ତ ଥିଲା - ରତ୍ନସାଗର, ରତ୍ନଦଧି ଏବଂ ରତ୍ନରଞ୍ଜକ - ଏବଂ ଲକ୍ଷ ଲକ୍ଷ ପାଣ୍ଡୁଲିପି ରଖାଯାଇଥିଲା। ଏହା ଏତେ ବିଶାଳ ଥିଲା ଯେ ଦ୍ୱାଦଶ ଶତାବ୍ଦୀରେ ଆକ୍ରମଣକାରୀଙ୍କ ଦ୍ୱାରା ଧ୍ୱଂସ ପାଇଲା ପରେ, ମାସ ମାସ ଧରି ନିଆଁ ଜଳୁଥିବାର ରିପୋର୍ଟ ରହିଛି। ସାଂସ୍କୃତିକ କ୍ରମ: ନାଳନ୍ଦା ପରମ୍ପରାର ଏକ ମିଶ୍ରଣ ଥିଲା - ବୌଦ୍ଧ ଏବଂ ଅଣ-ବୌଦ୍ଧ ଗ୍ରନ୍ଥଗୁଡ଼ିକ ଏକତ୍ର ଅଧ୍ୟୟନ କରାଯାଉଥିଲା। ଏହା ଚିନ୍ତାର ସ୍ୱାଧୀନତା ଏବଂ କଠୋର ବିତର୍କକୁ ମୂର୍ତ୍ତିମନ୍ତ କରିଥିଲା, ପ୍ରବେଶ ପରୀକ୍ଷା ଏତେ କଠିନ ଥିଲା ଯେ କେବଳ କିଛି ବିଦ୍ୱାନଙ୍କୁ ପ୍ରବେଶ ଦିଆଯାଇଥିଲା। ଗୁରୁ-ଶିଷ୍ୟ ପରମ୍ପରା ଏଠାରେ ବିକଶିତ ହୋଇଥିଲା, ନୈତିକ ଆଚରଣ, ବୌଦ୍ଧିକ ଶୃଙ୍ଖଳା ଏବଂ ପାରସ୍ପରିକ ସମ୍ମାନ ଉପରେ ଗୁରୁତ୍ୱ ଦେଉଥିଲା। ଐତିହ୍ୟ ଏବଂ ଶ୍ରଦ୍ଧା: ନାଳନ୍ଦାର ପ୍ରଭାବ ସମଗ୍ର ଏସିଆରେ ମଠ ଶିକ୍ଷାକୁ ଆକୃତି ଦେଇଥିଲା, ଏବଂ ଏହାର ପୂର୍ବତନ ଛାତ୍ରମାନେ ବିଶ୍ୱ ସ୍ତରରେ ଭାରତୀୟ ଦର୍ଶନ ଏବଂ ବିଜ୍ଞାନ ପ୍ରସାର କରିବାରେ ସାହାଯ୍ୟ କରିଥିଲେ। ଆଜି, ଏହା ଏକ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ, ଏବଂ ଏହାର ଆତ୍ମାକୁ ପୁନର୍ଜୀବିତ କରିବାର ପ୍ରୟାସ ଆଧୁନିକ ନାଳନ୍ଦା ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଜାରି ରହିଛି। ନାଳନ୍ଦା କେବଳ ଜ୍ଞାନରେ ପରିପୂର୍ଣ୍ଣ ନଥିଲା - ଏହା ଗତିଶୀଳ ଜ୍ଞାନ ଥିଲା, ସୀମା, ପିଢ଼ି ଏବଂ ଶୃଙ୍ଖଳା ଦେଇ ପ୍ରବାହିତ ହେଉଥିଲା। ଆପଣ କ'ଣ ଅନୁସନ୍ଧାନ କରିବାକୁ ଚାହାଁନ୍ତି ଯେ ଏହାର ଐତିହ୍ୟ ଆଧୁନିକ ବିଶ୍ୱବିଦ୍ୟାଳୟ ସହିତ କିପରି ତୁଳନା କରେ କିମ୍ବା ଏହା ତିବ୍ବତୀୟ ଏବଂ ପୂର୍ବ ଏସୀୟ ଚିନ୍ତାଧାରାକୁ କିପରି ପ୍ରଭାବିତ କରିଥିଲା ?

ନାଳନ୍ଦା ନାମ ସ୍ତରୀଭୂତ ଅର୍ଥ ଏବଂ ସାଂସ୍କୃତିକ ପ୍ରତୀକରେ ପରିପୂର୍ଣ୍ଣ। କିଛି ଆକର୍ଷଣୀୟ ବ୍ୟାଖ୍ୟା ଏ ବିଷୟରେ ରହିଛି: ସର୍ବାଧିକ ଗୃହୀତ ଉତ୍ପତ୍ତି ତିନୋଟି ସଂସ୍କୃତ ଶବ୍ଦ: ନା, ଆଲମ ଏବଂ ଦାରୁ ହୋଇଛି - ଯାହାର ଏକତ୍ର ଅର୍ଥ ହେଉଛି 'ଜ୍ଞାନର ଦାନ ବନ୍ଦ ନ ହେବା' କିମ୍ବା 'ଅସୀମିତ ଦାନ'। ଏହା ନାଳନ୍ଦାର ଅବିରତ ଶିକ୍ଷା ଏବଂ ବୌଦ୍ଧିକ ଉଦାରତାର କେନ୍ଦ୍ର ଭାବରେ ଐତିହ୍ୟ ସହିତ ସୁନ୍ଦର ଭାବରେ ସମନ୍ୱିତ ହୁଏ। ବିଶ୍ୱର ପ୍ରଥମ ଆବାସିକ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଗୋଟିଏ ନାଳନ୍ଦା, ଏହାର ଇତିହାସରେ ଅନେକ ଧ୍ୱଂସର ସମ୍ମୁଖୀନ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଶେଷ ଧ୍ୱଂସ ଖ୍ରୀଷ୍ଟାବ୍ଦ ୧୧୯୩ ମସିହାରେ ଘଟିଥିଲା ଯେତେବେଳେ ତୁର୍କୀ ସାମରିକ ସେନାପତି ବଖତିଆର ଖିଲଜୀ ଏହି ଅଞ୍ଚଳ ଆକ୍ରମଣ କରିଥିଲେ। ନାଳନ୍ଦା ବିଶ୍ୱବିଦ୍ୟାଳୟର ନାମ ପ୍ରାଚୀନ ନାଳନ୍ଦା ମହାବିହାର ନାମରେ ନାମିତ ହୋଇଛି, ଏହା ଏକ ପ୍ରସିଦ୍ଧ ବୌଦ୍ଧ ଶିକ୍ଷା କେନ୍ଦ୍ର ଯାହା ୫ମ ଶତାବ୍ଦୀରୁ ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତରେ ବିକଶିତ ହୋଇଥିଲା। ୨୦୧୦ ମସିହାରେ ପ୍ରତିଷ୍ଠିତ ଆଧୁନିକ ନାଳନ୍ଦା ବିଶ୍ୱବିଦ୍ୟାଳୟ ଏହି ଐତିହାସିକ ପ୍ରତିଷ୍ଠାନର ଆତ୍ମାକୁ ପୁନର୍ଜୀବିତ କରିବା ଏବଂ ଆନ୍ତର୍ଜାତୀୟ ଶିକ୍ଷା ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହା ଭାରତର ସମୃଦ୍ଧ ଶୈକ୍ଷିକ ଐତିହ୍ୟ ଏବଂ ବିଶ୍ୱ ବୌଦ୍ଧିକ ଆଦାନପ୍ରଦାନର ପ୍ରତୀକ ଭାବରେ ଠିଆ ହୋଇଛି। ନାଳନ୍ଦା ଧ୍ୱଂସର ମୁଖ୍ୟ ବିନ୍ଦୁ: ବଖତିଆର ଖିଲଜୀଙ୍କ ଆକ୍ରମଣ: ଭାରତୀୟ ସଭ୍ୟତା ଏବଂ ଏହାର ବିଦ୍ୱାନ ପରମ୍ପରା ପ୍ରତି ତାଙ୍କର ଶତ୍ରୁତା ଯୋଗୁଁ ଖିଲଜୀ ନାଳନ୍ଦା ଉପରେ ଏକ ନୃଶଂସ ଆକ୍ରମଣର ନେତୃତ୍ୱ ନେଇଥିଲେ। ତାଙ୍କ ସୈନ୍ୟମାନେ ବିଶ୍ୱବିଦ୍ୟାଳୟର କୋଠାଗୁଡ଼ିକୁ ନିଆଁ ଲଗାଇ ଦେଇଥିଲେ, ଯେଉଁଥିରେ ଏହାର ବିଶାଳ ପାଠାଗାର ମଧ୍ୟ ସାମିଲ ଥିଲା, ଯେଉଁଥିରେ ପାଣ୍ଡୁଲିପି ଏବଂ ପାଠ୍ୟଗୁଡ଼ିକର ଏକ ବିସ୍ତୃତ ସଂଗ୍ରହ ଥିଲା। ବିଦ୍ୱାନଙ୍କ ହତ୍ୟାକାଣ୍ଡ: ଏହି ଆକ୍ରମଣ ନାଳନ୍ଦାରେ ରହୁଥିବା ଭିକ୍ଷୁ ଏବଂ ବିଦ୍ୱାନଙ୍କ ହତ୍ୟାକାଣ୍ଡ ଦ୍ୱାରା ଚିହ୍ନିତ ହୋଇଥିଲା। ଏହି ହିଂସାକାଣ୍ଡର ଉଦ୍ଦେଶ୍ୟ ଏହି ଅଞ୍ଚଳର ବୌଦ୍ଧିକ ଏବଂ ସାଂସ୍କୃତିକ ଐତିହ୍ୟକୁ ଲୋପ କରିବା ଥିଲା। ଜ୍ଞାନର କ୍ଷତି: ନାଳନ୍ଦାର ପାଠାଗାରର ଧ୍ୱଂସ, ଯାହାକୁ ସମ୍ପୂର୍ଣ୍ଣ ଜଳିବାକୁ ମାସ ମାସ ଲାଗିଥିଲା ବୋଲି ଜଣାପଡୁଛି, ଫଳରେ ଜ୍ଞାନ ଏବଂ ସାଂସ୍କୃତିକ ଐତିହ୍ୟର ପ୍ରଚୁର କ୍ଷତି ହୋଇଥିଲା। ଏହି ପାଠାଗାରରେ ବୌଦ୍ଧ ଧର୍ମ, ତର୍କ, ବ୍ୟାକରଣ, ଔଷଧ ଏବଂ ଗଣିତ ସମେତ ବିଭିନ୍ନ ବିଷୟ ଉପରେ ଅମୂଲ୍ୟ ପାଠ୍ୟ ଥିଲା। ଏହାର ଧ୍ୱଂସ ସତ୍ତ୍ୱେ, ନାଳନ୍ଦାର ଐତିହ୍ୟ ବିଶ୍ୱ ଶିକ୍ଷା ଏବଂ ସଂସ୍କୃତିରେ ଏହାର ଅବଦାନ ମାଧ୍ୟମରେ ଅଟଳ ରହିଛି। ନାଳନ୍ଦାର ଧ୍ୱଂସାବଶେଷ ବର୍ତ୍ତମାନ ୟୁନେସ୍କୋର ବିଶ୍ୱ ଐତିହ୍ୟସ୍ଥଳ, ଏବଂ ରାଜଗିରରେ ନୂତନ ନାଳନ୍ଦା ବିଶ୍ୱବିଦ୍ୟାଳୟ ଭଳି ପ୍ରତିଷ୍ଠାନ ସହିତ ଏହାର ଆତ୍ମାକୁ ପୁନର୍ଜୀବିତ କରିବାର ପ୍ରୟାସ ଜାରି ରହିଛି। ବଖତିଆର ଖିଲଜୀ କିଏ ଥିଲେ ଏବଂ ସେ କାହିଁକି ନାଳନ୍ଦାକୁ ଧ୍ୱଂସ କରିଥିଲେ ? ବଖତିଆର ଖିଲଜୀ, ଯାହାକୁ ଇଖ ତିଆର ଅଲ-ଦିନ ମହମ୍ମଦ ବଖତିଆର ଖିଲଜୀ ଭାବରେ ମଧ୍ୟ ଜଣାଶୁଣା, ଘୁରିଦ ରାଜବଂଶର ଅଧୀନରେ ଜଣେ ତୁର୍କୀ ବଂଶୋଦ୍ଭବ ସାମରିକ ସେନାପତି ଥିଲେ। ସେ ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ନାଳନ୍ଦା ବିଶ୍ୱବିଦ୍ୟାଳୟ ଉପରେ ତାଙ୍କର ନିଷ୍ଠୁର ବିଜୟ ପାଇଁ କୁଖ୍ୟାତ।

ଖିଲଜୀଙ୍କ ନାଳନ୍ଦାର ଧ୍ୱଂସ ଭାରତୀୟ ଉପମହାଦେଶକୁ ଜୟ ଏବଂ ନିୟନ୍ତ୍ରଣ କରିବା ପାଇଁ ତାଙ୍କର ବ୍ୟାପକ ଅଭିଯାନର ଏକ ଅଂଶ ଥିଲା। ବଙ୍ଗଳାକୁ ସୁରକ୍ଷିତ କରିବା ପରେ, ସେ ବିହାରକୁ ଧ୍ୟାନ ଦେଇଥିଲେ, ଏକ ଅଞ୍ଚଳ ଯାହା ଏହାର ସମୃଦ୍ଧି ଏବଂ ବିଦ୍ୱାନ ଗୁରୁତ୍ୱ ପାଇଁ ଜଣାଶୁଣା। ନାଳନ୍ଦା ଉପରେ ତାଙ୍କର ଆକ୍ରମଣ କେବଳ ଏକ ସାମରିକ ବିଜୟ ନୁହେଁ ବରଂ ଭାରତର ବୌଦ୍ଧିକ ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ମଧ୍ୟ ଏକ ଆକ୍ରମଣ ଥିଲା। ବୌଦ୍ଧ ଦର୍ଶନ, ଗଣିତ, ଜ୍ୟୋତିର୍ବିଜ୍ଞାନ, ଔଷଧ ଏବଂ ଅନ୍ୟାନ୍ୟ ବିଭିନ୍ନ ବିଜ୍ଞାନର କେନ୍ଦ୍ରସ୍ଥଳ ଥିବା ଏହି ବିଶ୍ୱବିଦ୍ୟାଳୟ ଧ୍ୱଂସପ୍ରାପ୍ତ ହୋଇଗଲା। ନାଳନ୍ଦାର ଧ୍ୱଂସ ଯୋଗୁଁ ଅଗଣିତ ପାଣ୍ଡୁଲିପି ନଷ୍ଟ ହୋଇଗଲା ଏବଂ ଅନେକ ବିଦ୍ୱାନ ଏବଂ ସନ୍ନ୍ୟାସୀଙ୍କ ହତ୍ୟାକାଣ୍ଡ ଘଟିଥିଲା। ଏହି ଘଟଣା ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଘାତ ଥିଲା ଏବଂ ଏହି ଅଞ୍ଚଳରେ ବୌଦ୍ଧ ଧର୍ମର ପତନରେ ସହାୟକ ହୋଇଥିଲା। ତିବ୍ବତୀୟ ଉତ୍ସ ଏବଂ ପରବର୍ତ୍ତୀ ଇତିହାସକାରମାନେ ନାଳନ୍ଦାର ପାଠାଗାର ପୋଡ଼ିବା ବିଷୟରେ ବର୍ଣ୍ଣନା କରନ୍ତି, ଯେଉଁଥିରେ ମାସ ମାସ ଧରି ନିଆଁ ଲାଗିଥିଲା ଏବଂ ଲକ୍ଷ ଲକ୍ଷ ପାଣ୍ଡୁଲିପି ନଷ୍ଟ ହୋଇଯାଇଥିଲା। ଖିଲଜୀଙ୍କ ପୂର୍ବ ଅଭିଯାନ ସମୟରେ ନାଳନ୍ଦା ଧ୍ୱଂସପ୍ରାପ୍ତ ହୋଇଥିଲା। ବିଶ୍ୱବିଦ୍ୟାଳୟ କେବେବି ପୁନରୁଦ୍ଧାର ହୋଇପାରିଲା ନାହିଁ, ଭାରତରେ ବୌଦ୍ଧ ଛାତ୍ରବୃତ୍ତିର ସୁବର୍ଣ୍ଣ ଯୁଗର ଶେଷ ହୋଇଥିଲା। ଏହି ଘଟଣାକୁ ପ୍ରାୟତଃ ଉପମହାଦେଶରେ ବୌଦ୍ଧ ଧର୍ମର ପତନର ଏକ ମୋଡ଼ ଭାବରେ ଦେଖାଯାଏ।

ବଖତିଆର୍ ଖିଲଜୀଙ୍କ ବିଜୟର ଦୀର୍ଘକାଳୀନ ପ୍ରଭାବ - ବିଶେଷକରି ନାଳନ୍ଦା ଏବଂ ଅନ୍ୟାନ୍ୟ ବୌଦ୍ଧ କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରିବା - ଗଭୀର ଏବଂ ସୁଦୂର ପ୍ରସାରୀ ଥିଲା। ଏହା କେବଳ ଏକ ସାମରିକ ଅଭିଯାନ ନଥିଲା; ଏହା ଏକ ସଭ୍ୟତାଗତ ବିଚ୍ଛେଦକୁ ଚିହ୍ନିତ କରିଥିଲା। ମଠ ଭିତ୍ତିଭୂମିର ପତନ: ନାଳନ୍ଦା, ବିକ୍ରମଶିଳା ଏବଂ ଓଦନ୍ତପୁରୀ ଭଳି ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକ ସେମାନଙ୍କର ପାଠାଗାର ଏବଂ ମଠ ସମ୍ପ୍ରଦାୟ ସହିତ ନଷ୍ଟ ହୋଇଗଲା। ଏହି ପ୍ରତିଷ୍ଠାନଗୁଡ଼ିକ ଶତାବ୍ଦୀ ଧରି ବୌଦ୍ଧ ପାଣ୍ଡିତ୍ୟର ମେରୁଦଣ୍ଡ ଥିଲା। ସେମାନଙ୍କର କ୍ଷତି ଭାରତରେ ସଂଗଠିତ ବୌଦ୍ଧ ଶିକ୍ଷାର ଅନ୍ତ ଘଟାଇଥିଲା। ବୌଦ୍ଧ ସଂଘର ପତନ: ହଜାର ହଜାର ଭିକ୍ଷୁଙ୍କୁ ହତ୍ୟା କରାଯାଇଥିଲା କିମ୍ବା ନେପାଳ, ତିବ୍ବତ ଏବଂ ଦକ୍ଷିଣ-ପୂର୍ବ ଏସିଆକୁ ପଳାଇବାକୁ ବାଧ୍ୟ କରାଯାଇଥିଲା। ମଠ ନେତୃତ୍ୱ ବିନା, ବୌଦ୍ଧ ସମ୍ପ୍ରଦାୟ ଖଣ୍ଡ ଖଣ୍ଡ ହୋଇଯାଇଥିଲା ଏବଂ ଅନେକ ଧୀରେ ଧୀରେ ହିନ୍ଦୁ ପରମ୍ପରାରେ ସାମିଲ ହୋଇଯାଇଥିଲେ। ପୃଷ୍ଠପୋଷକତାର ଅବକ୍ଷୟ: ଇସଲାମିକ ଶାସନର ଉତ୍ଥାନ ଏବଂ ବ୍ରାହ୍ମଣ ହିନ୍ଦୁ ଧର୍ମର ପ୍ରାଧାନ୍ୟ ସହିତ, ବୌଦ୍ଧ ରାଜକୀୟ ଏବଂ ଅଭିଜାତ ପୃଷ୍ଠପୋଷକତା ହରାଇଥିଲା। ବୌଦ୍ଧ ପ୍ରତିଷ୍ଠାନଗୁଡ଼ିକୁ ପୁନରୁଦ୍ଧାର କରିବାର ପ୍ରୟାସ ବିଫଳ ହୋଇଥିଲା, କାରଣ ୧୩ ଶତାବ୍ଦୀ ସୁଦ୍ଧା ଅବଶିଷ୍ଟ ୯୦% ବୌଦ୍ଧ ହିନ୍ଦୁ ଧର୍ମକୁ ପୁନଃପରିବର୍ତ୍ତିତ ହୋଇଥିଲେ। ବୌଦ୍ଧ ଉପକେନ୍ଦ୍ରର ପରିବର୍ତ୍ତନ: ଭାରତ ବୌଦ୍ଧ ଧର୍ମର ବୌଦ୍ଧିକ ଏବଂ ଆଧ୍ୟାତ୍ମିକ କେନ୍ଦ୍ର ହେବା ବନ୍ଦ କରିଦେଇଥିଲା। ମଶାଲ ତିବ୍ବତ, ଶ୍ରୀଲଙ୍କା ଏବଂ ଦକ୍ଷିଣ-ପୂର୍ବ ଏସିଆକୁ ଚାଲିଗଲା, ଯେଉଁଠାରେ ବୌଦ୍ଧ ପରମ୍ପରା ସ୍ୱାଧୀନ ଭାବରେ ବିକଶିତ ହୋଇଥିଲା। ବୈଜ୍ଞାନିକ ଏବଂ ଦାର୍ଶନିକ ଜ୍ଞାନର କ୍ଷତି: ନାଳନ୍ଦାର ଧ୍ୱଂସକୁ ଜ୍ୟୋତିର୍ବିଜ୍ଞାନ, ଔଷଧ ଏବଂ ତର୍କ ଭଳି କ୍ଷେତ୍ରରେ ପ୍ରାଚୀନ ଭାରତୀୟ ବୈଜ୍ଞାନିକ ଅନୁସନ୍ଧାନର ଏକ ପ୍ରତୀକାତ୍ମକ ଅନ୍ତ ଭାବରେ ଦେଖାଯାଏ। ଅଗ୍ନିକାଣ୍ଡରେ ହଜିଯାଇଥିବା ପାଣ୍ଡୁଲିପିଗୁଡ଼ିକ ଅପରିବର୍ତ୍ତନୀୟ ଥିଲା, ଯାହା ଶତାବ୍ଦୀର ସଞ୍ଚିତ ଜ୍ଞାନ ସହିତ ସଂଯୋଗକୁ ଛିନ୍ନ କରିଥିଲା। ସାଂସ୍କୃତିକ ସ୍ମୃତି ଏବଂ ଆଘାତ: ଏହି ଘଟଣା ବୌଦ୍ଧ ଏବଂ ଭାରତୀୟ ଐତିହାସିକ ଚେତନା ପାଇଁ ଏକ ସତର୍କତାମୂଳକ କାହାଣୀ ପାଲଟିଥିଲା। ଏହାକୁ ପ୍ରାୟତଃ ବହୁଳବାଦର ପତନ ଏବଂ ଅନନ୍ୟତାବାଦୀ ଚିନ୍ତାଧାରାର ଉତ୍ଥାନରେ ଏକ ପରିବର୍ତ୍ତନ ବିନ୍ଦୁ ଭାବରେ ଉଲ୍ଲେଖ କରାଯାଏ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022** ସମ୍ପାଦକ : **ଜୟାଶୀଷ ରାୟ**

# ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାର ଫାଇନାଲରେ ଶ୍ରୀଲଙ୍କାକୁ ପରାସ୍ତ କଲା ଭାରତ



**ଦାମ୍ବୁଲା**

ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାର ଫାଇନାଲ ମୁକାବିଲାରେ 'ଶ୍ରୀଲଙ୍କା-ଏ'କୁ ଭାରତ ୬୬ ରନ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଶ୍ରୀଲଙ୍କାର ରଣଗିରିସ୍ଥିତ ଦାମ୍ବୁଲା ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶ୍ରୀଲଙ୍କା ୩୭୮ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୪୭.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୩୧୧ ରନ୍ ସଂଗ୍ରହ କରିପାରିଛି।

ଶ୍ରୀଲଙ୍କାର ଇନିଂସ ଆରମ୍ଭ କରିଥିଲେ ନିର୍ଲୋସାନ ଡିକଓ୍ୱେଲା ଏବଂ ଅଭିଶକା ଫର୍ନାଡୋ। ଉଭୟ ପ୍ରଥମ ୱିକେଟ ପାଇଁ ୨୮ ରନ୍ ସଂଗ୍ରହ କରିଥିଲେ। ଏଥିରୁ ଅଭିଶକାଙ୍କ ବ୍ୟକ୍ତିଗତ ସ୍କୋର ଥିଲା ୩ରନ୍। ଭାରତର ଦ୍ୱିତୀୟ ଶିକାର ହୋଇଥିଲେ ନିର୍ଲୋସା। ସେ ୧୭ଟି ବଲ୍ ଖେଳି ୪ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୫ ରନ୍ କରିଥିଲେ। ଦଳ ୭୫ ରନରେ ନୁଓ୍ୱାଇନ୍ଦୁ ଫର୍ନାଡୋ (୨୧ ରନ୍)ଙ୍କୁ ହରାଇଥିଲା। ଭାରତର ୪ର୍ଥ ଶିକାର ହୋଇଥିଲେ ସଦିରା ସମରଓ୍ୱିକ୍ରମା, ଯିଏକି ଆଉଟ୍ ହେବା ପୂର୍ବରୁ ୪୪ଟି ବଲ୍ ଖେଳି ୯ଟି ଚୌକା ସହାୟତାରେ ୫୨ ରନ୍ କରିଥିଲେ। ଶ୍ରୀଲଙ୍କା ପଞ୍ଚମ ୱିକେଟ୍ ଭାବେ ରବିନ୍ଦୁ ଫର୍ନାଡୋ (୧୯ ରନ୍)ଙ୍କୁ ହରାଇଥିଲା। ସେତିକି ବେଳେ ଦଳର ସ୍କୋର ୧୪୯ ରନରେ ପହଞ୍ଚି ସାରିଥିଲା।

ସାହାନ ଆର୍ଚ୍ଚିଗେ ୪୦ଟି ବଲ୍ ଖେଳି ୪ଟି ଚୌକା ଏବଂ ଗୋଟିଏ ଛକା ବଳରେ ୩୮ ରନ୍ କରିଥିଲେ। ବିଜୟକାନ୍ତ ବ୍ୟାସକାନ୍ତ ୩୯ ରନ୍ କରିଥିଲେ। ସେ ୩୪ଟି ବଲ୍ ଖେଳି ୫ଟି ଚୌକା ମାରିଥିଲେ। ୱାନଜୁ ସାହାନ ୬୨ ରନ୍ କରିଥିଲେ। ସେ ୬୯ଟି ବଲ୍ ଖେଳି ୫ଟି ଚୌକା ମାରିଥିଲେ। ଦୁଲାଜ ସମୁଦିତା ୧୧ଟି ବଲ୍ରୁ ୨ଟି ଚୌକା ସହାୟତାରେ ୧୫ ରନ୍ କରିଥିଲେ। ମହମ୍ମଦ ସିରାଜ ୨୧ ରନ୍ କରିଥିଲେ।

ଭାରତ ପକ୍ଷରୁ ଯଶ ଠାକୁର ଏବଂ ବିପ୍ର ନିଗମ ୩-୩ ୱିକେଟ ଅକ୍ତିଆର କରିଥିଲେ। ଅନୁକୁଳ ରାୟ ୨ ୱିକେଟ୍ ନେଇଥିଲା ବେଳେ ଅଶୋକ ଶର୍ମା ଏବଂ ତିଲକ ବର୍ମାଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

ଟସ୍ ଜିଣି ଘରୋଇ ଶ୍ରୀଲଙ୍କା ଦଳ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ତିଲକ ବର୍ମାଙ୍କ ନେତୃତ୍ୱରେ ଭାରତ ବ୍ୟାଟିଂ କରିଥିଲା ଏବଂ ଦଳ ୫୦ ଓଭରରେ ୯ଟି ୱିକେଟ୍ ହରାଇ ୩୭୭ ରନ୍ ସଂଗ୍ରହ କରିଥିଲା। ଭାରତ ପାଇଁ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୨୯ଟି ବଲ୍ ଖେଳି ୩୨୪.୧୪ ହାରରେ ୯୪ ରନ୍ ସଂଗ୍ରହ କରିଥିଲେ। ଏଥିରେ ୧୦ଟି ଚୌକା ଏବଂ ୮ଟି ଛକା ସାମିଲ ଥିଲା।

ଅଧିନାୟକ ତିଲକ ବର୍ମା ୯୦ଟି ବଲ୍ ଖେଳି ୬୭ ରନ୍ କରିଥିଲେ, ଯେଉଁଥିରେ ସେ ୪ଟି ଚୌକା ଏବଂ ଗୋଟିଏ ଛକା ସାମିଲ କରିଥିଲେ। ଋତୁରାଜ ଗାଏକ୍ୱାର୍ଡ ୪୦, ପ୍ରିୟାଂଶ ଆର୍ଯ୍ୟ ଓ ଅନୁକୁଳ ରାୟ ୩୯-୩୯, କୁମାର କୁଶାଗ୍ରା ୩୬, ବିପ୍ରରାଜ ନିଗମ ୨୭, ନିଶାନ୍ତ ସିନ୍ଧୁ ୧୬ ରନ୍ ସଂଗ୍ରହ କରିଥିଲେ। ସୂର୍ଯ୍ୟାଂଶ ଶେଡଗେ ୨ ରନ୍ ଏବଂ ଯଶ ଠାକୁର ଅପରାଜିତ ୨ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ କୁଗାଥାସ ମାଥୁଲାନ, ରବିନ୍ଦୁ ଫର୍ନାଡୋ ଏବଂ ୱାନୁଜା ସାହନ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ମହମ୍ମଦ ସିରାଜ, ସାହନ ଆର୍ଚ୍ଚିଗେ ଏବଂ ଦୁଲାଜ ସମୁଦିଥାଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

# ଫିଫା ବିଶ୍ୱକପ ମ୍ୟାଚ୍ : ଜାପାନର ନକ୍‌ଆଉଟ୍ ଆଶା ଉଜ୍ଜୀବିତ



**ମଣ୍ଟେରେ**

ଫିଫା ବିଶ୍ୱକପର ୧୦୦ତମ ମ୍ୟାଚ୍ ରବିବାର ଖେଳାଯାଇଛି। ଏହି ଐତିହାସିକ ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିଲେ ଜାପାନ ଓ ଟ୍ୟୁନିସିଆ। ଏଥିରେ ଜାପାନ ୪-୦ ଗୋଲ୍‌ରେ ଟ୍ୟୁନିସିଆକୁ ହରାଇ ଚଳିତ ବିଶ୍ୱକପର ନକ୍‌ଆଉଟ୍ ପ୍ରବେଶ ଆଶାକୁ ଉଜ୍ଜୀବିତ ରଖିଛି।

ଅନ୍ୟପକ୍ଷରେ ପରାଜୟ ସହ ଟ୍ୟୁନିସିଆ ନକ୍‌ଆଉଟ୍ ଦୌଡ଼ରୁ ବାଦ୍ ପଡ଼ିଛି। ଗ୍ରୁପ୍-ଏଫ୍‌ରେ ଜାପାନ ନିଜର ପ୍ରଥମ ମ୍ୟାଚ୍ ନେଦରଲାଣ୍ଡ୍ସ ସହ ଡ୍ର ରଖି ଗୋଟିଏ ପଏଣ୍ଟ୍ ପାଇଥିଲା। ଏହି ବିଜୟ ସହ ଜାପାନର ପଏଣ୍ଟ ସଂଖ୍ୟା ୪ରେ ପହଞ୍ଚିଛି ଏବଂ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଛି। ନେଦରଲାଣ୍ଡ୍ସ ୪ ପଏଣ୍ଟ୍ ପାଇଥିଲେ ମଧ୍ୟ ଗୋଲ୍ ବ୍ୟବଧାନରେ ଆଗରେ ରହି ଶୀର୍ଷ ସ୍ଥାନରେ ଦଖଲ କରିଛି।

ରବିବାର ଫିଫା ବିଶ୍ୱକପର ୧୦୦ତମ ମ୍ୟାଚ୍ ଖେଳାଯାଇଛି। ସ୍ୱିଡେନ୍ ୨ ମ୍ୟାଚରୁ ୧ ବିଜୟ ଓ ପରାଜୟରୁ ୩ ପଏଣ୍ଟ୍ ପାଇ ତୃତୀୟ ଏବଂ ଟ୍ୟୁନିସିଆ ପଏଣ୍ଟ୍‌ଶୂନ୍ୟ ସହ ଚତୁର୍ଥ ସ୍ଥାନରେ ରହିଛି। ଗ୍ରୁପର ଶେଷ ଦୁଇ ମ୍ୟାଚ୍‌ରେ ସ୍ୱିଡେନକୁ ଜାପାନ ଏବଂ ଟ୍ୟୁନିସିଆକୁ ନେଦରଲାଣ୍ଡ୍ସ ଭେଟିବ। ଏହି ମାଇଲଖୁଣ୍ଟ ମ୍ୟାଚର ଚତୁର୍ଥ ମିନିଟ୍‌ରେ କେଇତୋ ନାକାମୁରାଙ୍କ ପାସ୍କୁ ଡାଇଚି କାମାଡ଼ା ଗୋଲ୍‌ରେ ପରିଣତ କରି ଜାପାନକୁ ଆଗରେ ରଖିଥିଲେ।

ଏହାପରେ ଆୟାସେ ଉଏଦା (୩୧ ମିନିଟ୍)ଙ୍କ ଗୋଲ୍‌ରେ ଜାପାନ୍ ୨-୦ରେ ଅଗ୍ରଣୀ ନେଇଥିଲା। ପ୍ରଥମାର୍ଦ୍ଧରେ ୨-୦ରେ ଆଗରେ ଥିବା ଜାପାନ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ୍ ଲଦି ୪-୦ରେ ବିଜୟ ମୁଣ୍ଡଇ ମାରିଥିଲା। ଜୁନିୟା ଇତୋ (୬୯ ମିନିଟ୍) ଦଳ ପାଇଁ ତୃତୀୟ ଗୋଲ୍ କରିଥିଲେ। ଏହର ୧୫ ମିନିଟ୍ ପରେ କାଇଶୁ ସାନୋଙ୍କ ସୁନ୍ଦର ପାସ୍କୁ ଉଏଦା (୮୪ ମିନିଟ୍) ମୁଣ୍ଡରେ ବଲ୍‌କୁ ଟ୍ୟୁନିସିଆର ଗୋଲ୍ ପୋଷ୍ଟକୁ ପଠାଇ ବ୍ୟକ୍ତିଗତ ଯୁଗଳ ସଫଳତା ପାଇବା ସହ ଏହି ଐତିହାସିକ ମ୍ୟାଚ୍‌ରେ ଦଳର ବିଜୟରେ ନିଜର ଛାପ ଛାଡ଼ିଥିଲେ।

# ଇଂଲଣ୍ଡଠୁ ପ୍ରତିଶୋଧ ନେଲା ନ୍ୟୁଜିଲାଣ୍ଡ୍



**ଲଣ୍ଡନ୍**

ଲର୍ଡସ ଟେଷ୍ଟ୍ ପରାଜୟର ପ୍ରତିଶୋଧକୁ ଦ ଓଭାଲରେ ନେଇଯାଇଛି ନ୍ୟୁଜିଲାଣ୍ଡ୍। ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ୍ ରବିବାର ୨୫୩ ରନର ବୃହତ ବ୍ୟବଧାନରେ ଜିତିଯାଇଛି। ଏଥି ସହିତ ୩ ମ୍ୟାଚ୍ ଶୃଙ୍ଖଳା ବି ୧-୧ ସ୍ତରକୁ ଚାଲିଆସିଛି। ଉଭୟ ପାଳିରୁ ୧୧ ୱିକେଟ୍ ନେଇ ଦ୍ରୁତ ବୋଲର ମ୍ୟାଟ୍ ହେନରି (୫/୮୦ ଓ ୬/୨୯) ମ୍ୟାଚର ଶ୍ରେଷ୍ଠ ଖେଳାଳି ସମ୍ମାନ ପାଇଛନ୍ତି। ଶୃଙ୍ଖଳା ନିର୍ଣ୍ଣାୟକ ତୃତୀୟ ତଥା ଶେଷ ଟେଷ୍ଟ୍ ଜୁନ୍ ୨୫ ତାରିଖ ଗୁରୁବାରଠାରୁ ନଟିଂହାମ୍‌ରେ ଆରମ୍ଭ ହେବ।

ବ୍ୟାଟ୍ ଓ ବଲ୍‌ରେ ସନ୍ତୁଳନ ରକ୍ଷା କରିବାରେ ସକ୍ଷମ ହୋଇଥିବା ଏହି ଟେଷ୍ଟରେ ଇଂଲଣ୍ଡ ସମ୍ମୁଖରେ ୪୬୩ ରନ୍ ଲକ୍ଷ୍ୟ ରହିଥିଲା। ଚତୁର୍ଥ ଦିନ ଖେଳ ସୁଦ୍ଧା ଘରୋଇ ଦଳ ୫ ୱିକେଟ୍‌ରେ ୧୮୨ ରନ୍ କରିଥିଲା। ରବିବାର ପଞ୍ଚମ ଦିନ ପ୍ରଥମ ଅଧିବେଶନରେ ହିଁ ଅବଶିଷ୍ଟ ୫ ୱିକେଟକୁ ମ୍ୟାଟ୍ ହେନରି ଦଖଲ କରି ନିଜ ଟେଷ୍ଟ୍ କ୍ୟାରିୟରରେ ପ୍ରଥମ ଥର ୧୦ ୱିକେଟ୍ ସଫଳତା ବି ଅର୍ଜନ କରିଥିଲେ।

ରବିବାର ନିଜ ଦ୍ୱିତୀୟ ଓ ତୃତୀୟ ଓଭରରେ ୨ଟି ଲେଖାଏଁ ୱିକେଟ୍ ବାହାର କରି ସେ ମ୍ୟାଚକୁ ୧୦.୧ ଓଭର ଭିତରେ ଶେଷ କରି ଦେଇଥିଲେ। ସକାଳେ ତାଙ୍କ ପ୍ରଥମ ଶିକାର ହୋଇଥିଲେ କାମଚଳା ଅଧିନାୟକ ଜୋ ରୁଟ୍ (୭୭)। ପୂର୍ବ ସନ୍ଧ୍ୟାରେ ଜାମିସନ୍ ୩ ୱିକେଟ୍ ନେଇଥିବାବେଳେ ହେନରି ଅବଶିଷ୍ଟ କାମକୁ ରବିବାର ସକାଳେ ସୁଚାରୁରୂପେ ତୁଲାଇନେଇଥିଲେ। ପୂର୍ବରୁ ନ୍ୟୁଜିଲାଣ୍ଡର ୩୯୧ ରନ୍ ଜବାବରେ ଇଂଲଣ୍ଡ ୨୯୧ ରନ୍ କରିଥିଲା। ନ୍ୟୁଜିଲାଣ୍ଡ୍ ଦ୍ୱିତୀୟ ପାଳିରେ ୩୬୨ କରିଥିଲା।

# ଏଫ୍‌ଆଇଏଚ୍ ନେସନ୍ସ ମହିଳା ହକି : ଭାରତ ବିଜେତା



**ଅକଲାଣ୍ଡ**

ନ୍ୟୁଜିଲାଣ୍ଡରେ ଆୟୋଜିତ ଏଫ୍‌ଆଇଏଚ୍ ନେସନ୍ସ କପ୍ ମହିଳା ହକି ପ୍ରତିଯୋଗିତାରେ ଭାରତ ବିଜେତା ହୋଇଛି। ପୂରା ପ୍ରତିଯୋଗିତାରେ ଅପରାଜେୟ ଥିବା ଭାରତ ରବିବାର ଫାଇନାଲ୍‌ରେ ଘରୋଇ ଦଳକୁ ୨-୦ ଗୋଲ୍‌ରେ ପରାସ୍ତ କରି ଦ୍ୱିତୀୟ ଥର ଲାଗି ଏହି ଟ୍ରଫି ହାତେଇଛି। ଭାରତ ପ୍ରଥମ ଥର ଲାଗି ୨୦୨୨ ଉଦ୍‌ଘାଟନୀ ସଂସ୍କରଣରେ ବିଜେତା ହୋଇଥିଲା। ଚଳିତ ସଂସ୍କରଣରେ ଭାରତ ପୁଲ୍-ଏ'ରେ ଆମେରିକା, ଜାପାନ, ଉରୁଗୁଏକୁ ହରାଇ ସେମିଫାଇନାଲ୍‌ରେ ପହଞ୍ଚିଥିଲା।

ସେମିଫାଇନାଲ୍‌ରେ ଚିଲିକୁ ୬-୦ରେ ହରାଇ ଟ୍ରଫି ଲଢ଼େଇରେ ଅବତୀର୍ଣ୍ଣ ହୋଇଥିଲା। ଏହି ଟ୍ରଫି ବିଜୟ ସହ ଏଫ୍‌ଆଇଏଚ୍ ପ୍ରୋ-ଲିଗରୁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ମହିଳା ଦଳର ସମସ୍ତ ଖେଳାଳିଙ୍କୁ ୩ ଲକ୍ଷ ଟଙ୍କା ଲେଖାଏଁ ଏବଂ ସର୍ପୋଟ ଷ୍ଟାଫ୍‌ଙ୍କୁ ୧.୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଦେବାକୁ ହକି ଇଣ୍ଡିଆ ଘୋଷଣା କରିଛି।ମ୍ୟାଚ୍ର ଚତୁର୍ଥ ମିନିଟ୍‌ରେ ଭ୍ରମଣକାରୀ ଦଳ ପେନାଲ୍ଟି କର୍ଣ୍ଣର ଅର୍ଜନ କରିଥିଲା।

ଏହାକୁ ନବନୀତ କୌର ଗୋଲରେ ପରିଣତ କରି ଦଳକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ପ୍ରଥମ କ୍ୱାର୍ଟରର ଶେଷ ମିନିଟ୍‌ରେ ଦଳକୁ ମିଳିଥିବା ଅନ୍ୟଏକ ପେନାଲ୍ଟି କର୍ଣ୍ଣରକୁ ଓଡ଼ିଆ ଝିଅ ସୁନେଲିତା ଟୋପ୍ପୋ ଗୋଲ୍‌ରେ ପରିଣତ କରି ୨-୦ରେ ଭାରତକୁ ଆଗୁଆ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ଶୃଙ୍ଖଳିତ ଖେଳ ଖେଳି ଘରୋଇ ଦଳକୁ କୌଣସି ସୁଯୋଗ ଦେଇ ନଥିଲା। ଫଳରେ ପ୍ରଥମାର୍ଦ୍ଧ ଭାରତ ପକ୍ଷରେ ୨-୦ରେ ରହିଥିଲା। ଶେଷ ଦୁଇ କ୍ୱାର୍ଟରରେ ମଧ୍ୟ ଭାରତର ଡିଫେଣ୍ଡର ଚମତ୍କାର ଖେଳି ଘରୋଇ ଦଳକୁ କୌଣସି ସୁଯୋଗ ଦେଇ ନଥିଲେ। ଏପରିକି ଶେଷ କ୍ୱାର୍ଟରରେ ନ୍ୟୁଜିଲାଣ୍ଡକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ସବିତା ବିଫଳ କରି ଭାରତର ବିଜୟ ନିଶ୍ଚିତ କରିଥିଲେ। ଚମତ୍କାର ପ୍ରଦର୍ଶନ ପାଇଁ ଲାଲରେମସିଆମିଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଦୀପିକା (୬ ଗୋଲ୍) ଯୁଗ୍ମ ଭାବେ ଆମେରିକାର ଆସ୍ଲେ ସେସାଙ୍କ ସହ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

# କୋହଲି ସଚିନଙ୍କ ଭଳି ନିଜର ଭବିଷ୍ୟତ ନିଷ୍ପତ୍ତି ନିଜେ ନେବେ : ଶ୍ରୀକାନ୍ତ



**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟର ଗୋଟିଏ ଫର୍ମାଟରେ ଖେଳ ଜାରି ରଖିଛନ୍ତି। ଟି-୨୦ ଏବଂ ଟେଷ୍ଟରୁ ଅବସର ଘୋଷଣ କରିସାରିଛନ୍ତି ବିରାଟ। ଏବେ କେବଳ ଦିନିକିଆରେ ଖେଳ ଜାରି ରଖିଥିବାବେଳେ ୨୦୨୭ ବିଶ୍ୱକପ ସେ ଖେଳିବେ ବୋଲି ଆଶା ରଖିଛନ୍ତି ଫ୍ୟାନ୍ସ। ମାତ୍ର କିଛି କ୍ରୀଡ଼ାପ୍ରେମୀ ଦାବି କରିଛନ୍ତି କି, ବିରାଟ ଆଇସିସିର ଏହି ବଡ଼ ଟୁର୍ଣ୍ଣାମେଣ୍ଟ ଖେଳି ନ ପାରନ୍ତି। ତଥାପି ବିରାଟ ଦମ୍‌ଦାର ଫର୍ମରେ ନଜର ଆସୁଛନ୍ତି।

ସେପଟେ ବିରାଟଙ୍କ ସମ୍ପର୍କରେ ପୂର୍ବତନ ଭାରତୀୟ କ୍ରିକେଟର ତଥା ୨୦୧୧ ବିଶ୍ୱକପ ବିଜେତା ଭାରତୀୟ ଦଳର ମୁଖ୍ୟ ଚୟନକର୍ତ୍ତା ଥିବା ଶ୍ରୀକାନ୍ତ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି କି, ବିରାଟ ନିଜର ଭବିଷ୍ୟତ ସମ୍ପର୍କରେ ନିଜେ ନିଷ୍ପତ୍ତି ନେବାର ଅଧିକାର ରହିଛି। ରନ୍ ମେସିନ ସଚିନଙ୍କ ଭଳି ଜଣେ ମହାନ ଖେଳାଳି। ସେ ଜଣେ ମହାନ ଅଧିନାୟକ ମଧ୍ୟ ଥିଲେ। କିନ୍ତୁ ତାଙ୍କ ପାଖରେ ଆଇସିସିର ଟ୍ରଫି ନଥିଲା। ତେବେ ମୁଁ ଭାବୁଛି କୋହଲି ସଚିନଙ୍କ ଭଳି ନିଜର ଭବିଷ୍ୟତ ନିଷ୍ପତ୍ତି ନିଜେ ନେବେ। ତାଙ୍କୁ ନିଜର ନିଷ୍ପତ୍ତି ନେବାକୁ ଦିଆଯିବା ଉଚିତ ବୋଲି କହିଛନ୍ତି ଶ୍ରୀକାନ୍ତ।

ଏହାସହ ଶ୍ରୀକାନ୍ତ କହିଛନ୍ତି କି, ବିରାଟ ହେଉଛନ୍ତି ସମସ୍ତଙ୍କ ପସନ୍ଦର ଖେଳାଳି। ସେ ଜାଣନ୍ତି ଭବିଷ୍ୟତରେ କ'ଣ କରିବାକୁ ପଡ଼ିବ। କ'ଣ ନକରିବାକୁ ପଡ଼ିବ ସେ ସମ୍ପର୍କରେ ସେ ଭଲଭାବେ ଜାଣିଛନ୍ତି। ଟେଷ୍ଟ କ୍ରିକେଟରେ ଜଣେ ମହାନ ଅଧିନାୟକ ଥିଲେ। ଏହାସହ ଦିନିକିଆ କ୍ରିକେଟରେ ମଧ୍ୟ ଅନେକ ଉପଲବ୍ଧି ହାତେଇଛନ୍ତି। ମାତ୍ର ବିରାଟଙ୍କ ଅଧିନାୟକତ୍ୱରେ କୌଣସି ଆଇସିସି ଟ୍ରଫି ଜିତିନାହିଁ ଭାରତ। ନହେଲେ ବିରାଟ ଭାରତର ସବୁଠାରୁ ସଫଳ ଅଧିନାୟକ ହୋଇଥାନ୍ତେ ବୋଲି କହିଛନ୍ତି ଶ୍ରୀକାନ୍ତ।

ତେବେ ଆଘାତ କାରଣରୁ ଆଫଗାନିସ୍ତାନ ବିପକ୍ଷ ଦିନିକିଆରୁ ବାଦ୍ ପଡ଼ିଛନ୍ତି ବିରାଟ। ତେବେ ଜୁଲାଇ ମାସରେ ଭାରତ ଇଂଲଣ୍ଡ ବିପକ୍ଷରେ ଦିନିକିଆ ସିରିଜ୍ ଖେଳିବ। ଏଯାବତ୍ ଭାରତୀୟ ଦଳ ଘୋଷଣା ହୋଇନଥିବା ବେଳେ ବିରାଟ ପୁଣିଥରେ ଦଳକୁ ଫେରିବେ। ସେ ଆଘାତରୁ ମୁକୁଳିଥିବାବେଳେ ପୁଣିଥରେ ଭାରତୀୟ ଦଳରେ ସ୍ଥାନ ପାଇ ଦମ୍‌ଦାର ପ୍ରଦର୍ଶନ କରିବେ ବୋଲି କହିଛନ୍ତି ଶ୍ରୀକାନ୍ତ। ସେପଟେ ଲଗାତାର ଦମ୍‌ଦାର ପ୍ରଦର୍ଶନ କରି ଆସୁଥିବା ବିରାଟ ୨୦୨୭ ବିଶ୍ୱକପ ଦଳରେ ଖେଳିବାର ସମ୍ଭାବନା ଅଧିକ ରହିଥିବା କୁହାଯାଉଛି।

## ରାଜ୍ୟ ସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

# କନ୍ଧମାଳ ଜିଲ୍ଲାରୁ ପାଇଲେ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ କାଂସ୍ୟ ପଦକ

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

କଟକର ଜବାହର ଲାଲ ନେହ୍ରୁର ଇଣ୍ଡୋର ଷ୍ଟାଡିଅମରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସେଥିରେ କନ୍ଧମାଳ ଜିଲ୍ଲା ଟାଏକୋଣ୍ଡୋ ସଂଘ ଓ ଫୁଲବାଣୀ ମାର୍ଟିଆଲ ଆର୍ଟ୍ସ ଏକାଡେମୀ ତରଫରୁ ବିଭିନ୍ନ ବର୍ଗର ଖେଳାଳିମାନେ, ସୁପର ସବ୍‌ଜୁନିଅର, ସବ୍‌ଜୁନିଅର, କ୍ୟାଡେଟ୍, ଜୁନିଅର ଓ ସିନିଅର କ୍ୟାଟେଗୋରିର ପିଲାମାନେ ଏହି ପ୍ରତିଯୋଗିତାରେ ୧୨ ଜଣ ଉଭୟ ବାଳକ ଓ ବାଳିକା ଅଂଶଗ୍ରହଣ କରିଥିଲେ। ଯେଉଁ ଖେଳାଳିମାନେ ସ୍ୱର୍ଣ୍ଣ ପଦକ ପାଇଛନ୍ତି ସେହି ଖେଳାଳିମାନଙ୍କ ଭିତରୁ ସବ୍‌ଜୁନିଅର ଓ କ୍ୟାଡେଟ ବର୍ଗର ଖେଳାଳିମାନଙ୍କର ଆସନ୍ତା ମାସରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଜାତୀୟ ସ୍ତରରେ ଓଡ଼ିଶା ଓ ରାଜ୍ୟର ନାମ ଆଗକୁ ନେବାକୁ ବହୁତ ଇଚ୍ଛା ପ୍ରକାଶ ଜାରି ରଖିଛନ୍ତି। ଏହି ଖେଳାଳିମାନଙ୍କୁ କୋଚ୍ ରମାକାନ୍ତ ବେହେରା, କୋଚ ପ୍ରିତମ ଚନ୍ଦ୍ର ପ୍ରଧାନ ଓ ମଦନ ଦଳ ବେହେରା, ସେମାନଙ୍କର କୃତିତ୍ୱ ପାଇଁ ଶୁଭେଚ୍ଛା ଜଣାଇ ଛନ୍ତି। ପ୍ରତାପ କୁମାର ମୁଖୀ, ସମ୍ପାଦକ ପ୍ରଭାତ କୁମାର ସାହୁ ଓ ରାଜ୍ୟ ସଂଘର ସମ୍ପାଦକ ମନମୋହନ ଭଞ୍ଜ ଖେଳାଳିମାନଙ୍କୁ ଆଶୀର୍ବାଦ ସହିତ ଶୁଭେଚ୍ଛା ଜଣାଇଛନ୍ତି। ଏହି ଖେଳାଳିମାନେ ଜାତୀୟ ସ୍ତରରେ ଆହୁରି ଭଲ ପ୍ରଦର୍ଶନ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

# ରାଜ୍ୟସ୍ତରୀୟ ତାଏକୋଣ୍ଡୁ ଚାମ୍ପିଅନସିପରେ ବୌଦ୍ଧର ସଫଳତା



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

କଟକ ସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଜୁନ୍ ୧୬ ରୁ ୧୮ ପର୍ଯ୍ୟନ୍ତ ଚାଲିଥିବା ରାଜ୍ୟସ୍ତରୀୟ ଚାମ୍ପିଅନସିପରେ ବୌଦ୍ଧ ତାଏକଣ୍ଡୋ ଏକାଡେମୀ ତରଫରୁ ୧୩ ଜଣ ଝିଅ ଓ ୧୨ ଜଣ ପୁଅ ଭାଗନେଇ ୩୯ ଟି ସ୍ୱର୍ଣ୍ଣ ପଦକ,୮ ଟି ରୌପ୍ୟପଦକ, ୯ ଟି କାଂସ୍ୟ ପଦକ ହାସଲ କରି ବୌଦ୍ଧ ଜିଲ୍ଲା ପାଇଁ ଗୌରବ ଆଣି ପାରିଛନ୍ତି। ମୁଖ୍ୟ ପ୍ରଶିକ୍ଷକ ତଥା ସମ୍ପାଦକ ଅିତ କୁମାର ସାହୁଙ୍କ ନେତୃତ୍ୱରେ ସହକାରୀ ପ୍ରଶିକ୍ଷକ ଅମନ୍ କୁମାର ସାହୁ ଏବଂ ମ୍ୟାନେଜର କଲ୍ୟାଣୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଖେଳାଳୀ ମାନେ ଭାଗ ନେଇଥିଲେ। ବୌଦ୍ଧରୁ ରାଜ୍ୟସ୍ତରୀୟ ଖେଳ ପରିଚାଳନା ପାଇଁ ସୁଲଗ୍ନା ମିଶ୍ର, ଜଗନ୍ନାଥ ସାହୁ, ତନ୍ମୟ ବର୍ଦ୍ଧନ ସାହୁ, ସୁନୟନା ମେହେର ନେସନାଲ ରେଫରି ଭାବେ ଖେଳ ପରିଚାଳନା କରି ବୌଦ୍ଧର ଗୌରବକୁ ଦ୍ୱିଗୁଣିତ କରିଛନ୍ତି। ପ୍ରକାଶ ଥାଉକି ଉକ୍ତ ଚାମ୍ପିଅନସିପରେ ୧୯ ଟି ଜିଲ୍ଲାରୁ ୧୧୨୦ ଜଣ ଖେଳାଳୀ ଭାଗନେଇଥିଲେ। ନିଜର ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ବୌଦ୍ଧ ତାଏକଣ୍ଡୋ ଏକାଡେମୀ ପୁମସିରେ ଷ୍ଟେଟ୍ ଚାମ୍ପିଅନ ହୋଇଥିବାରୁ ରାଜ୍ୟ ସମ୍ପାଦକ ମନମୋହନ ଭଞ୍ଜ ଅନେକ ଶୁଭେଚ୍ଛା ଜଣାଇଛନ୍ତି। ଏକାଡେମୀର କମିଟିର ସଭାପତି ଯଜ୍ଞେଶ୍ୱର ମିଶ୍ରଙ୍କ ସହିତ ସମସ୍ତ ସଦସ୍ୟ ,ଅଭିଭାବକ ଓ ଖେକପ୍ରେମୀ ବ୍ୟକ୍ତି ମାନେ ଜିଲ୍ଲା କ୍ରୀଡାଙ୍ଗନ ପରିସରରେ ଏକ ସ୍ୱତନ୍ତ୍ର ସଭା କରି ଖେଳାଳୀ ମାନଙ୍କୁ ଫୁଲତୋଡ଼ା ଓ ମିଠା ଖୁଆଇ ଶୁଭେଚ୍ଛା ଅଭିନନ୍ଦନ ଜଣାଇଥିଲେ।

# ଜାତୀୟ ରାଜପଥରେ ଓଲଟିଲା ପିକ୍‌ଅପ୍

**କଟକ, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ରାଜପଥ ୫୫ର ଢିହ ସାହି ଗଡାରେ ଭାରସ୍ୟାମ ହରାଇ ଓଲଟିଲା ପିକ୍‌ଅପଭ୍ୟାନ। ଢେଙ୍କାନାଳ ପଟୁ ଚୌଦ୍ୱାର ଅଭିମୁଖେ ଆସୁଥିବା ଏକ ବାଇଗଣ ବୋଝେଇ ପିକ୍‌ଅପଭ୍ୟାନ ଢିହ ସାହି ଗଡାରେ ନିକଟରେ ବହୁଦିନ ଧରି ଜାତୀୟ ରାଜପଥ ପକ୍ଷରୁ ଖୋଳା ଯାଇଥିବା ଗାତ ନିକଟରେ ଭାରସ୍ୟାମ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଖବର ପାଇ ଚୌଦ୍ୱାର ପୋଲିସ ଘଟଣା ସ୍ଥଳ ରେ ପହଞ୍ଚି ଥିଲା। ଏହି ଦୁର୍ଘଟଣା ରେ କେହି ମୃତାହତ ହୋଇ ନଥିବାର ସୂଚନା ମିଳିଛି। ଜାତୀୟ ରାଜପଥ ପକ୍ଷରୁ ବହୁଦିନ ହେବ ଏହି ଗାତ଼ ଖୋଳାଯାଇ ଏହାର କାର୍ଯ୍ୟ ସାରିବାରେ ବିଳମ୍ବ ଯୋଗୁଁ ଏହି ଭଳି ଦୁର୍ଘଟଣା ନିର୍ଦ୍ଦିଷ୍ଟ ଏହି ସ୍ଥାନରେ ଘଟୁଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳରେ ଦାବି ହେଉଛି।

# ଚଳନ୍ତା ଟ୍ରେନ୍‌ରେ ଯାଆଁଳା ସନ୍ତାନ ଜନ୍ମ ଦେଲେ ମହିଳା

**କଟକ, ନ୍ୟୁଜ୍‌ବ୍ୟୁରୋ**

ଚଳନ୍ତା ଟ୍ରେନ ବଗିରେ ସନ୍ତାନ ଜନ୍ମ ଦେଲେ ମହିଳା । ରେଳବାଇ ସୁରକ୍ଷା ବଳ ( ଆରପିଏଫ୍) ର ତତ୍ପରତା ଯୋଗୁଁ ଜଣେ ଗର୍ଭବତୀ ମହିଳା ଓ ତାଙ୍କର ଯାଆଁଳା ନବଜାତ ଶିଶୁଙ୍କ ଜୀବନ ରକ୍ଷା ପାଇଛି । ରାଉରକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ୍‌ର ଜେନେରାଲ ବଗିରେ ଜଣେ ମହିଳା ପ୍ରସବ ବେଦନାରେ ଛଟପଟ ହେଉଥିବା କଟକ ଆରପିଏଫ୍ ମହିଳା ଟିମ୍ ସୂଚନା ପାଇଥିଲେ । ସକାଳ ୬ଟା ୫୩ରେ ଟ୍ରେନ୍ ଷ୍ଟେସନରେ ପହଞ୍ଚିବା କ୍ଷଣି ତୁରନ୍ତ ସେଠାରେ ପହଞ୍ଚିଥିଲେ ଆରପିଏଫ୍ ଟିମ୍ । ଆରପିଏଫ୍ ମହିଳା ଟିମ୍ ପହଞ୍ଚିବା ସମୟରେ ମହିଳା ଜଣକ ଟ୍ରେନ୍ ଭିତରେ ଏକ ଶିଶୁ ସନ୍ତାନକୁ ଜନ୍ମ ଦେଇସାରିଥିଲେ । ଗର୍ଭରେ ଯାଆଁଳା ଶିଶୁ ଥିବାରୁ ଦ୍ୱିତୀୟ ସନ୍ତାନ ପାଇଁ ତୀବ୍ର ବେଦନା ଅନୁଭବ କରୁଥିଲେ । ମହିଳାଙ୍କ ସୁରକ୍ଷା ଓ ଗୋପନୀୟତା ପାଇଁ ଆରପିଏଫ୍ ତୁରନ୍ତ ପ୍ଲାଟଫର୍ମର ସେହି ଅଂଶକୁ କପଡ଼ା ଦ୍ୱାରା ଘେରି ଦେଇଥିଲେ। ଷ୍ଟେସନରେ ମାଇକ୍ ଯୋଗେ ଘୋଷଣା କରାଯିବା ପରେ ଜଣେ ସହ-ଯାତ୍ରୀ ଫାର୍ମାସିଷ୍ଟ ଆଗକୁ ଆସି ମା' ଓ ଶିଶୁର ପ୍ରାଥମିକ ଚିକିତ୍ସା କରିଥିଲେ । ଏହାପରେ ମହିଳାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା । ମେଡିକାଲ ଯିବା ରାସ୍ତାରେ ଆମ୍ବୁଲାନ୍ସ ଭିତରେ ହିଁ ସାଙ୍ଗରେ ଯାଇଥିବା ଆରପିଏଫ୍ ମହିଳା କର୍ମଚାରୀଙ୍କ ସହାୟତାରେ ମହିଳା ଜଣକ ଦ୍ୱିତୀୟ ସନ୍ତାନକୁ ସଫଳତାର ସହ ପ୍ରସବ କରିଥିଲେ । ବର୍ତ୍ତମାନ ମା' ଓ ଦୁଇ ଯାଆଁଳା ଶିଶୁ ଏସସିବି ମେଡିକାଲରେ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ସୁସ୍ଥ ଅଛନ୍ତି। ଏହି ଜରୁରୀକାଳୀନ ମାନବିକ ସହାୟତା ପାଇଁ ଟ୍ରେନ୍‌ଟି କଟକ ଷ୍ଟେସନରେ ସକାଳ ୭ଟା ରୁ ୭ଟା ୧୫ ପର୍ଯ୍ୟନ୍ତ ପ୍ରାୟ ୧୫ ମିନିଟ୍ ଅଟକି ରହିଥିଲା ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଯୋଗ ମହୋତ୍ସବ ସମିତିର ମିଳିତ ଆନୁକୂଲ୍ୟରେ ସମ୍ବଲପୁରର ରିଙ୍ଗ୍ ରୋଡ୍ ସ୍ଥିତ ମହାନଦୀ ଆଳତୀ ଘାଟଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ, ଯୋଗପ୍ରେମୀ ଏବଂ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ।

ଏହି ଗରିମାମୟ ପରିବେଶରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଆଇଜି, ଉତ୍ତରାଞ୍ଚଳ ହିମାଂଶୁ କୁମାର ଲାଲ(ଭା.ପୁ.ସେ), ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର( ଭା.ପ୍ର.ସେ), ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂ(ଭା.ପୁ.ସେ), ଡିଏଫଓ ସମ୍ବଲପୁର, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନାଉରୀ ନାୟକ ଏବଂ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।




ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବଲପୁରର ବିଧାୟକ ଜୟନାରାୟଣ ମିଶ୍ର ଜନସାଧାରଣଙ୍କୁ ଆନ୍ତର୍ଜାତୀୟ ଯୋଗ ଦିବସର ଅନେକ ଅନେକ ଅଭିନନ୍ଦନ ଜଣାଇବା ସହ ବିଶ୍ୱ ଦରବାରରେ ଭାରତର ସଂସ୍କୃତି ଓ ଅବଦାନ ବିଷୟରେ ଆଲୋକପାତ କରିଥିଲେ।

ସେ କହିଥିଲେ ଯେପରି ଗଣିତ, ଜ୍ୟାମିତି ଠାରୁ ଆରମ୍ଭ କରି ସମଗ୍ର ବିଶ୍ୱର ସମସ୍ତ ଭାଷାର ଜନନୀ ସଂସ୍କୃତ ପର୍ଯ୍ୟନ୍ତ—ପ୍ରତ୍ୟେକ କ୍ଷେତ୍ରରେ ଏବଂ ପାରିବାରିକ ଜୀବନ ଶୈଳୀରେ ଭାରତ ସମଗ୍ର ବିଶ୍ୱକୁ ପ୍ରେରଣା ଦେଇଛି ସେହିପରି ଯୋଗ ର ପ୍ରେରଣା ମଧ୍ୟ ଭାରତ ରୁ ଆରମ୍ଭ ହୋଇଛି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅକ୍ଲାନ୍ତ ପ୍ରୟାସ ଯୋଗୁଁ ୨୦୧୪ ମସିହା ପରଠାରୁ ଜାତିସଂଘ ଦ୍ୱାରା ଆମର ଏହି ପ୍ରାଚୀନ ଯୋଗ ସଂସ୍କୃତିକୁ ବିଶ୍ୱ ସ୍ତରରେ 'ଅନ୍ତର୍ଜାତୀୟ ଯୋଗ ଦିବସ' ଭାବେ ସ୍ୱୀକୃତି ମିଳିପାରିଛି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ ଜଣାଇଥିଲେ।'

ଯୋଗର ଉପକାରିତା ବିଷୟରେ ବାବା ରାମଦେବଙ୍କ ଅବଦାନକୁ ପ୍ରଶଂସା କରିଥିଲେ, ସେ କହିଥିଲେ ଯୋଗକ ଆଜି ବିଶ୍ୱ ସ୍ତରରେ ବେଶ୍ ଲୋକପ୍ରିୟ ହୋଇପାରିଛି। ଡାକ୍ତରଙ୍କ ପାଖକୁ ଯିବା ଅପେକ୍ଷା ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ନିୟମିତ ସଠିକ୍ ଭାବେ ଯୋଗ କରି ରୋଗକୁ ଦୂରେଇ ରଖିବା ଉଚିତ୍।ବିଧାୟକ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି:'ଯୋଗ ଏବଂ ନିରୋଗ ପରସ୍ପରର ପରିପୂରକ। ଉତ୍ତମ ବୁଦ୍ଧି ଓ ମାନସିକ ସ୍ଥିରତା ପାଇଁ ଉତ୍ତମ ସ୍ୱାସ୍ଥ୍ୟର ନିହାତି ଆବଶ୍ୟକତା ରହିଛି। ଶରୀର ସୁସ୍ଥ ରହିଲେ ମାନସିକ ଅବସ୍ଥା ଠିକ୍ ରହେ, ଯାହା ଆପଣଙ୍କୁ ଜୀବନରେ ତୁରନ୍ତ ସଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରେ। ତେଣୁ ଆସନ୍ତୁ ସମସ୍ତେ ନିୟମିତ ଯୋଗ କରି ରୋଗକୁ ବିଯୋଗ କରିବା।'

ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଅତିଥି ଏବଂ ସାଧାରଣ ଜନତା ଯୋଗ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଆସନ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ। କେବଳ ଯୋଗ ଦିବସରେ ସୀମିତ ନରହି ପ୍ରତିଦିନ ନିଜ ଦୈନନ୍ଦିନ ଜୀବନରେ ଯୋଗକୁ ଏକ ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଅନୁରୋଧ କରାଯାଇଛି।

ଭୁବନେଶ୍ୱର, ୨୨ ଜୁନ୍, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# 'ସେବା ତୀର୍ଥ'ରେ ଯୋଗ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର

ନୂଆଦିଲ୍ଲୀ, ୨୧/୦୬

ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଦେଶବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ପ୍ରଶାସନିକ ସ୍ତରରେ ମଧ୍ୟ ଏହାର ବ୍ୟାପକ ଉତ୍ସାହ ଦେଖିବାକୁ ମିଳିଛି। 'ସେବା ତୀର୍ଥ' ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଯୋଗ ଶିବିରରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ଅଂଶଗ୍ରହଣ କରିଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେବଳ ପ୍ରମୁଖ ସଚିବ ନୁହଁନ୍ତି ତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ କ୍ୟାବିନେଟ୍ ସଚିବାଳୟର ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଏକାଠି ସାମିଲ ହୋଇ ଯୋଗାଭ୍ୟାସ କରିଥିଲେ।



ଏହି ଅବସରରେ ଦୈନନ୍ଦିନ ଜୀବନରେ ଯୋଗର ଉପଯୋଗିତା ଉପରେ ଆଲୋକପାତ କରାଯାଇଥିଲା। ବିଶେଷ କରି ଏକ ନିରୋଗ କାୟା (ସୁସ୍ଥ ଶରୀର), ମାନସିକ ଶାନ୍ତି ଏବଂ ଏକ ଉନ୍ନତ ତଥା ସୁସ୍ଥ ଜୀବନଶୈଳୀ ଆପଣେଇବା ପାଇଁ ଯୋଗର ଚିରନ୍ତନ ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବର୍ତ୍ତମାନ ସମୟରେ ଦେଶସାରା ସାଧାରଣ ଜନତାଙ୍କ ମଧ୍ୟରେ ଯୋଗ ପ୍ରତି ଆଗ୍ରହ ବୃଦ୍ଧି ପାଉଛି। ଏଭଳି ସମୟରେ ଦେଶର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନେ ନିଜ ବ୍ୟସ୍ତବହୁଳ କାର୍ଯ୍ୟସୂଚୀରୁ ସମୟ ବାହାର କରି ଯୋଗ ଶିବିରରେ ସାମିଲ ହେବା ସମାଜ ପାଇଁ ଏକ ସକାରାତ୍ମକ ଉଦାହରଣ ସୃଷ୍ଟି କରିଛି ଯାହାକି ଏବେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

# ବୀମା ଚୁକ୍ତିରେ ତୃତୀୟ ପକ୍ଷର କୌଣସି ଦାବି ଗ୍ରହଣୀୟ ନୁହେଁ

ନୂଆଦିଲ୍ଲୀ, ୨୧/୦୬

ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବୀମା ଚୁକ୍ତି କେବଳ ବୀମାଗ୍ରାହକ ଏବଂ ବୀମା କମ୍ପାନୀ ମଧ୍ୟରେ ଥିବା ଏକ ବ୍ୟକ୍ତିଗତ ଚୁକ୍ତି। ଏହି ଚୁକ୍ତି ଆଧାରରେ କୌଣସି ତୃତୀୟ ପକ୍ଷ କ୍ଷତିପୂରଣ କିମ୍ବା ବୀମା ଦାବି କରିପାରିବେ ନାହିଁ। ଜଷ୍ଟିସ୍ ସନ୍ଦୀପ ମେହେଟା ଓ ଜଷ୍ଟିସ୍ ବିଜୟ ବିଶ୍ନୋଇଙ୍କ ଖଣ୍ଡପୀଠ ଏହି ରାୟ ପ୍ରଦାନ କରି କେ. ପ୍ରକାଶଚନ୍ଦଙ୍କ ଆବେଦନକୁ ଖାରଜ କରିଥିଲେ। ଋଣ ପରିଶୋଧରେ ବିଫଳ ହେବା ପରେ ଋଣଗ୍ରାହୀ ଗାଡ଼ିଟିକୁ ତାଙ୍କ ନିକଟରେ ସମର୍ପଣ କରିଥିଲେ ଏବଂ ପରେ ଏହା ଚୋରି ହୋଇଯାଇଥିବା ଦାବି କରି ଫାଇନାନ୍ସର ପ୍ରକାଶଚନ୍ଦ ବୀମା କ୍ଷତିପୂରଣ ମାଗିଥିଲେ। ଖଣ୍ଡପୀଠ କହିଥିଲେ ଯେ ଏହି ମାମଲାରେ ଆବେଦନକାରୀ ଓ ବୀମାଗ୍ରାହକଙ୍କ ମଧ୍ୟରେ ଥିବା ଚୁକ୍ତି କିମ୍ବା ଏଣ୍ଡୋର୍ସମେଣ୍ଟକୁ "ହାୟର-ପର୍ଚେଜ୍", "ହାଇପୋଥେକେସନ୍" କିମ୍ବା "ଲିଜ୍"



ଚୁକ୍ତି ଭାବେ ସ୍ପଷ୍ଟ କରାଯାଇନଥିଲା। ଅଦାଲତ କହିଥିଲେ ଯେ ଜାତୀୟ ଉପଭୋକ୍ତା ବିବାଦ ନିରାକରଣ କମିଶନ ଠିକ୍ ଭାବରେ ନିଷ୍କର୍ଷ କରିଥିଲେ ଯେ ଫାଇନାନ୍ସର ପ୍ରକାଶଚନ୍ଦ ଏବଂ ବୀମା କମ୍ପାନୀ ମଧ୍ୟରେ କୌଣସି "ପ୍ରିଭିଟି ଅଫ୍ କଣ୍ଟ୍ରାକ୍ଟ" ନଥିଲା। କାରଣ ଚୁକ୍ତିଟି କେବଳ ଫାଇନାନ୍ସର ଓ ବୀମାଗ୍ରାହକଙ୍କ ମଧ୍ୟରେ ଥିଲା ଏବଂ ସେଥିରେ ବୀମା କମ୍ପାନୀ ପକ୍ଷଭୁକ୍ତ ନଥିଲା। ସୁପ୍ରିମକୋର୍ଟ ଆହୁରି ଲକ୍ଷ୍ୟ କରିଥିଲେ ଯେ ବୀମାଗ୍ରାହକ ପ୍ରକୃତରେ ଗାଡ଼ିଟିକୁ ଫାଇନାନ୍ସରଙ୍କୁ ସମର୍ପଣ କରିଥିବାର କୌଣସି ଦସ୍ତାବିଜ ଆବେଦନକାରୀ ଦାଖଲ କରିନଥିଲେ। ସେହିପରି କଥିତ ଚୋରି ଘଟଣାର ସ୍ଥାନ, ତାରିଖ ଓ ସମୟ ସମ୍ପର୍କିତ ସ୍ପଷ୍ଟ ବିବରଣୀ ମଧ୍ୟ ସେ ଦେଇପାରିନଥିଲେ, ଯାହା ତାଙ୍କ ଦାବିର ବିଶ୍ୱସନୀୟତା ଉପରେ ପ୍ରଶ୍ନ ସୃଷ୍ଟି କରିଥିଲା। ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ ଆଇନ ଅନୁଯାୟୀ ବୀମା ଚୁକ୍ତି କେବଳ ବୀମାଗ୍ରାହକ ଓ ବୀମା କମ୍ପାନୀ ମଧ୍ୟରେ ଥିବା ଏକ ବ୍ୟକ୍ତିଗତ ଚୁକ୍ତି ଏବଂ କୌଣସି ତୃତୀୟ ପକ୍ଷ ଏହା ଅଧୀନରେ ଦାବି କରିପାରିବେ ନାହିଁ। ଅଦାଲତ ଆହୁରି କହିଥିଲେ "ଧରି ନିଆଯାଉ ଯେ ବୀମାଗ୍ରାହକ ଗାଡ଼ିଟିକୁ ଆବେଦନକାରୀଙ୍କୁ ସମର୍ପଣ କରିଥିଲେ, ତଥାପି ସେ ଗାଡ଼ିର ଆଇନଗତ ମାଲିକ ହୋଇଯାଆନ୍ତି ନାହିଁ। ତେଣୁ ବୀମା କମ୍ପାନୀକୁ ତାଙ୍କୁ କ୍ଷତିପୂରଣ ଦେବାକୁ ବାଧ୍ୟ କରାଯାଇପାରିବ ନାହିଁ।" ସୁପ୍ରିମକୋର୍ଟ କହିଥିଲେ ଯେ ଜାତୀୟ କମିଶନ ଠିକ୍ ଭାବରେ ମତ ଦେଇଥିଲେ ଯେ ଫାଇନାନ୍ସର ଓ ବୀମାଗ୍ରାହକଙ୍କ ମଧ୍ୟରେ ଥିବା ଚୁକ୍ତିକୁ ଆଧାର କରି ବୀମା କମ୍ପାନୀକୁ ଦାବି ମାନିବାକୁ ବାଧ୍ୟ କରାଯାଇପାରିବ ନାହିଁ, କାରଣ ସେହି ଚୁକ୍ତିରେ ବୀମା କମ୍ପାନୀ ପକ୍ଷଭୁକ୍ତ ନଥିଲା।

**କିଟ୍ ଓ କିସ୍‌ରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ**

# ଯୋଗ ବିଶ୍ୱକୁ ଭାରତର ଅମୂଲ୍ୟ ଅବଦାନ : ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର, ୨୧।୬ ନ୍ୟୁଜ ବ୍ୟୁରୋ

ଭାରତ ସମେତ ବିଶ୍ୱର ବିଭିନ୍ନ ସ୍ଥାନରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଥିବା ବେଳେ କିଟ୍ ଓ କିସ୍‌ରେ ମଧ୍ୟ ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଚଳିତବର୍ଷର ବିଷୟବସ୍ତୁ ଥିଲା 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' । ଏହି ଅବସରରେ ପ୍ରାତଃ ୬ଟା ସମୟରେ କିସ୍ ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟରେ ମିଳିତ ଭାବେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବା ସହ ଯୋଗାଭ୍ୟାସ କରାଯାଇଥିଲା। ଏଥିରେ କିଟ୍, କିସ୍ ଓ କିମ୍ସର ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ ଏକାଠି ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ ଯୋଗ ହେଉଛି ଆମର ପୁରାତନ ପରମ୍ପରା। ସମଗ୍ର ବିଶ୍ୱକୁ ଏହା ହେଉଛି ଭାରତର ସବୁଠାରୁ ମୂଲ୍ୟବାନ ଦାନ । ସମଗ୍ର ବିଶ୍ୱରେ ଯୋଗ ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଇ ଚାଲିଛି । ଯୋଗ କେବଳ ଯେ ଆମକୁ ଶାରୀରିକ ଭାବେ ଫିଟ୍ ରଖିଥାଏ ତାହା ନୁହେଁ, ଏହା ମଧ୍ୟ



ଆମର ମାନସିକ ଚାପ କମାଇବା ସହ ଆମକୁ ମାନସିକ ଶାନ୍ତି ପ୍ରଦାନ କରିଥାଏ ବୋଲି ସେ କହିଥିଲେ । ଚଳିତବର୍ଷର ବିଷୟବସ୍ତୁ ଉପରେ ଗୁରୁତ୍ୱଦେଇ ଡ. ସାମନ୍ତ ଆହୁରି କହିଲେ, ବାର୍ଦ୍ଧକ୍ୟ ଅବସ୍ଥାରେ ସୁସ୍ଥ ରହିବା ପାଇଁ ଯୋଗ ନିୟମିତ ଅଭ୍ୟାସ କରିବା ଉଚିତ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ କିଟ୍ ଓ କିସ୍‌ର ସମସ୍ତ ସ୍କୁଲ୍ ଓ ବିଭାଗୀୟ ଡିନ୍, ନିର୍ଦ୍ଦେଶକଙ୍କ ସମେତ ପ୍ରାୟ ୬ ହଜାର କର୍ମଚାରୀ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ । କିଟ୍ ଯୋଗ ସ୍କୁଲ୍ ପ୍ରଫେସର ଡ. ଶାନ୍ତମତି ଦାଶ ଓ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ପ୍ରଧାନ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପାଉଣାକୁ ନେଇ ଦଇତାପତି ନିଯୋଗ-ଚୂନରା ସେବାୟତଙ୍କ ବିବାଦ ସମାଧାନ

ପୁରୀ, ୨୧/୦୬
ନ୍ୟୁଜ ବ୍ୟୁରୋ

ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି । ଦଇତାପତି ନିଯୋଗ ଏବଂ ଚୂନରା ସେବାୟତଙ୍କ ମଧ୍ୟରେ ଥିବା ବିବାଦର ସମାଧାନ ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ରଥଯାତ୍ରା ସମୟରେ ଦଇତାପତି ଓ ଚୂନରା ସେବାୟତ ନିଯୋଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି ସମସ୍ତ କାର୍ଯ୍ୟ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ସେପଟେ ଶୃଙ୍ଖଳିତ ଦର୍ଶନ ସହ ନୀତିକାନ୍ତି କିଭଳି ସୂଚାରୁରୂପେ ଅନୁଷ୍ଠିତ ହୋଇପାରିବ ସେନେଇ ଆଲୋଚନା ହୋଇଛି। ସୂଚନା ମୁତାବକ ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି । ତେବେ ଦଇତାପତି



ନିଯୋଗ ଏବଂ ଚୂନରା ସେବାୟତ ନିଯୋଗ ମଧ୍ୟରେ ପ୍ରାପ୍ୟ ପାଉଣାକୁ ନେଇ କିଛି ବିବାଦ ଥିବା ବେଳେ ଏହାର ସମାଧାନ ପାଇଁ ଏକ ବୈଠକ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ଦଇତାପତି ନିଯୋଗ ଏବଂ ଚୂନରା ସେବାୟତ ନିଯୋଗ ମଧ୍ୟରେ ଥିବା ବିବାଦ ସମାଧାନ ହୋଇଥିବା ପୁରୀ ଜିଲ୍ଲାପାଳ କହିଛନ୍ତି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, 'ଉଭୟ ଦଇତାପତି ନିଯୋଗ ଓ ଚୂନରା ସେବାୟତ ନିଯୋଗ ମଧ୍ୟରେ ପାଉଣାକୁ ନେଇ ଥିବା ମତଭେଦ ଦୂର ହୋଇଛି । ଆଗାମୀ ରଥଯାତ୍ରାରେ ଏହି ଦୁଇ ସେବାୟତ ନିଯୋଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି ମହାପ୍ରଭୁଙ୍କ ସମସ୍ତ ସେବାପୂଜା ଏବଂ ନୀତିକାନ୍ତି ସୂଚାରୁରୂପେ କରିବେ ବୋଲି ନିଷ୍ପତ୍ତି ହୋଇଛି । ଶ୍ରୀଗୁଣ୍ଡିଚା ମନ୍ଦିରରେ ରଥ ଲାଗିବା ପରେ ପହୁଡ ନୀତି ପାଇଁ ଆଗୁଆ ସମୟ ନିର୍ଦ୍ଧାରିତ ହେବ । ପହୁଡ଼ ପାଇଁ ସୂଚନା ଆଗୁଆ ଘୋଷଣା କରାଯିବ । ପହୁଡ଼ ହେବା ଓ ପହୁଡ ଖୋଲିବା ସମୟ ଲୋକଙ୍କୁ ଆଗୁଆ ସୂଚାଇ ଦିଆଯିବ । ସେହିପରି ଆଗାମୀ ରଥଯାତ୍ରାରେ ଶୃଙ୍ଖଳିତ ଦର୍ଶନ ଏବଂ ନୀତିକାନ୍ତି ଅନୁଷ୍ଠିତ ହେବା ନେଇ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି । ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତି ସହ ପହୁଡ଼ ନୀତି ଏବଂ କେତେବେଳେ ଦର୍ଶନ ହୋଇପାରିବ ସେନେଇ ସବିଶେଷ ସୂଚନା ପ୍ରତି ମୁହୂର୍ତ୍ତରେ ମାଇକ୍ ଯୋଗେ ଦିଆଯିବ। ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଏଲଇଡି ସ୍କ୍ରିନ ଲଗାଯାଇ ସୂଚନା ପ୍ରଦାନ ମଧ୍ୟ କରାଯିବ ।' ଶ୍ରୀମନ୍ଦିର ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି,'ଶ୍ରୀକ୍ଷେତ୍ର ପଞ୍ଚକୋଶୀରୁ ଆସୁଥିବା ହଜାର ହଜାର ଲୋକଙ୍କ ପାଇଁ ମନ୍ଦିର ଅଫିସ, ସୂଚନା କେନ୍ଦ୍ର, ସର୍କିଟ ହାଉସ୍, ଭକ୍ତ ନିବାସ ଇତ୍ୟାଦିରେ ଟିକେଟ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଛି ଦଇତାପତି ନିଯୋଗ। ଫଳରେ ଗୁଣ୍ଡିଚା ମନ୍ଦିର ଭିତରେ ଦୁଇଟି ଲାଇନରେ ବ୍ୟବସ୍ଥିତ ଭାବରେ ଦର୍ଶନ ସହ ଉଭୟ ଟିକେଟ ଓ ସାଧାରଣ ଦର୍ଶନକୁ ସହଜ ହେବ। ନୀତି ସମନ୍ୱୟ ସହ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦିଆଯାଇଛି । ସେପଟେ ଆସନ୍ତା ୨୩ ତାରିଖରେ ସମନ୍ୱୟ ବୈଠକ ହେବ। ଚଳିତବର୍ଷ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ଦଇତାପତି ନିଯୋଗ ପୋଲିସ ପ୍ରଶାସନ ସହିତ ସମନ୍ୱୟ ରଖି ସମସ୍ତ କାର୍ଯ୍ୟରେ ସହଯୋଗ କରିବ । ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ । ହାତରେ ବହୁତ କମ୍ ସମୟ ଥିବାରୁ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗ ଏବଂ ସେବାୟତ ନିଯୋଗ ସହ ଏକାଧିକ ବୈଠକ କରାଯାଇ ଆଗାମୀ ଦିନରେ କିଭଳି ମହାପ୍ରଭୁଙ୍କ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଶେଷ ହେବ ସେନେଇ ଗୁରୁତ୍ୱ ଦିଆଯାଇଛି ।'

# ଧଳାଜହରର ହବ୍ ପାଲଟିଛି ଜଟଣୀ

ଜଟଣୀ, ୨୧/୦୬
ନ୍ୟୁଜ ବ୍ୟୁରୋ

ସ୍ଥାନୀୟ ଥାନା ଅଞ୍ଚଳରେ ଜୋରଦାର ଚାଲିଛି ବ୍ରାଉନସୁଗାର(ଧଳାଜହର) କାରବାର । ସହରରୁ ଗ୍ରାମାଞ୍ଚଳ ଚାରିଆଡ଼େ ମାଡ଼ିଗଲାଣି ଏହି ଧଳାଜହର । ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ନିଶାଡ଼ିଙ୍କ ଉତ୍ପାତରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି । ଥାନାକୁ ଜଣାଇଲେ ମଧ୍ୟ ନିଶା ବେପାରୀ କିମ୍ବା ନିଶାଡ଼ିଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି । ତେଣୁ ସାମାଜିକ ପରିବେଶ ନଷ୍ଟ ହେବାକୁ ବସିଲାଣି । ଏନେଇ ଚିନ୍ତା ପ୍ରକଟ କରିବା ସହ ସ୍ଥାନୀୟ ଖୁଦୁପୁର ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇ ନିଶା କାରବାର ବନ୍ଦ କରିବାକୁ ଦାବି କରିଛନ୍ତି । ନିଶା ବେପାରୀ ଓ ନିଶାଡ଼ିଙ୍କ ଉତ୍ପାତରେ ସନ୍ଧ୍ୟା ପରେ ଗ୍ରାମର ମହିଳାମାନେ ବାହାରକୁ ବାହାରିବାକୁ ଭୟ କରୁଥିବା ସେମାନେ କହିଛନ୍ତି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୧/୦୬/୨୦୨୬
୬,୬୯,୦୫୩/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ଶୂନ୍ୟ

# ହାଇକୋର୍ଟର ଅବକାଶ ମଧ୍ୟରେ ୧୪ ଶହରୁ ଊର୍ଦ୍ଧ୍ୱ ମାମଲା ଫଇସଲା

କଟକ, ୨୧/୦୬ ନ୍ୟୁଜ ବ୍ୟୁରୋ

ହାଇକୋର୍ଟର ଗ୍ରୀଷ୍ମ ଅବକାଶ ଥିଲା । କିନ୍ତୁ ଏହି ଅବକାଶରେ ବି ହାଇକୋର୍ଟରେ ମାମଲା ଶୁଣାଣିରେ ଛୁଟି ନଥିଲା । ସାଧାରଣ ଲୋକଙ୍କ ପାଇଁ ଅଦାଲତଙ୍କ ଦ୍ୱାର ଯେ ସବୁବେଳେ ଖୋଲା ତାହା ଅବକାଶକାଳୀନ ଅଦାଲତରେ ମାମଲା ସମାଧାନରୁ ପ୍ରମାଣିତ ହୋଇପାରିଛି । ଏହି ସମୟରେ ଯେଉଁ ଅଳ୍ପ କେତୋଟି ଦିନ ଅଦାଲତ ବସିଥିଲା ସେଥିରେ ବିଚାରପତିମାନେ ମାମଲା ସମାଧାନ କରିବାରେ ଆଗରେ ରହିଛନ୍ତି । ଏମିତିକି ଗୋଟେ ଗୋଟେ ଦିନରେ ଯେତିକି ମାମଲା ପଞ୍ଜୀକରଣ ହୋଇଛି ସେସବୁର ଫଏସଲା ବାଦ୍ ବିଚାରପତିମାନେ ପୁରୁଣା ମାମଲାର ସମାଧାନ ମଧ୍ୟ କରିଛନ୍ତି । ପଞ୍ଜୀକୃତ ମାମଲାରୁ ଏହି ସମୟ ଭିତରେ ୧୪୬୦ଟି ମାମଲାର ସମାଧାନ ହୋଇପାରିଥିବା ତଥ୍ୟ ମିଳିଛି । ଚଳିତ ଗ୍ରୀଷ୍ମ ଅବକାଶ ଭିତରେ ମେ' ୨୬ରୁ ଜୁନ୍ ୧୯ ତାରିଖ ମଧ୍ୟରେ ୮ଟି ଅବକାଶକାଳୀନ ଅଦାଲତ ବସିଥିଲା। ଏଥିରେ ମୋଟ୍ ୨ ହଜାର ୯୮୩ଟି



ମାମଲା ଶୁଣାଣି ପାଇଁ ପଞ୍ଜୀକୃତ ହୋଇଥିଲା । ଏଥିରୁ ୧୪୬୦ଟି ମାମଲାର ସମାଧାନ ହୋଇଛି। ୧୯ ତାରିଖ ଅବକାଶକାଳୀନ ଅଦାଲତରେ ଗୋଟେ ଦିନରେ ସର୍ବାଧିକ ୪୦୯ଟି ମାମଲାର ସମାଧାନ ହୋଇପାରିଛି । ଏହି ଦିନ ୩୧୬ଟି ମାମଲା ଶୁଣାଣି ପାଇଁ ପଞ୍ଜୀକୃତ ହୋଇଥିଲା । ସେହିପରି ଗତ ୧୭ ତାରିଖ ଅବକାଶକାଳୀନ ଅଦାଲତରେ ୩୧୪ଟି ମାମଲା ଶୁଣାଣି ପାଇଁ ପଞ୍ଜୀକୃତ ହୋଇଥିଲା । ଏହିଦିନ ୩୧୪ଟି ମାମଲା ସମାଧାନ ହେବା ସହ ଅଧିକ ୪ଟି ପୁରୁଣା ମାମଲାର ସମାଧାନ ହୋଇଛି । ଗତ ୧୨ ତାରିଖ ଅବକାଶକାଳୀନ ଅଦାଲତରେ ୩୯୫ଟି ମାମଲା ଶୁଣାଣି ପାଇଁ ପଞ୍ଜୀକୃତ ହୋଇଥିଲା । ଏଥିରୁ ୩୨୬ଟି ମାମଲାର ସମାଧାନ କରାଯାଇଛି । ଗତ ୯ ତାରିଖରେ ଅନୁଷ୍ଠିତ ଅବକାଶକାଳୀନ ଅଦାଲତରେ ୨୯୫ଟି ମାମଲା ଶୁଣାଣି ପାଇଁ ପଞ୍ଜୀକରଣ କରାଯାଇଥିଲା । ଏଥିରୁ ୨୭୪ଟି ମାମଲାର ସମାଧାନ ହୋଇପାରିଛି। ଅନ୍ୟ ଅବକାଶକାଳୀନ ଅଦାଲତରେ ବହୁ ସଂଖ୍ୟାରେ ମାମଲାର ସମାଧାନ ହୋଇଛି । ଚଳିତ ଗ୍ରୀଷ୍ମ ଅବକାଶରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ର, ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ୍ ଭି. ନରସିଂହ, ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ୍ ଏମ୍.ଏସ୍. ରମଣ, ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ପ୍ରମୁଖ ବିଭିନ୍ନ ବେଞ୍ଚରେ ଏବଂ ଜଣକିଆ ଇଜିଲାସ୍‌ରେ ମାମଲାର ଶୁଣାଣି କରିଥିଲେ । ଏହି ପରିପ୍ରେକ୍ଷୀରେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ଲ' କମିଶନ ସଦସ୍ୟ ସୌରଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ହାଇକୋର୍ଟରେ ଅବକାଶକାଳୀନ ଅଦାଲତରେ ଏତେ ସଂଖ୍ୟକ ମାମଲାର ସମାଧାନ ଏକ ଭଲ ସୂଚନା । ଅବକାଶକାଳୀନ ଅଦାଲତରେ ବିଚାରପତିମାନେ ଏତେ ସଂଖ୍ୟକ ମାମଲାକୁ ଶୁଣିବା ପାଇଁ ଗ୍ରହଣ କରିବା ଏବଂ ଏହାର ସମାଧାନ ପାଇଁ ଉଦ୍ୟମ କରିବା ନିଶ୍ଚିତ ଭାବରେ ନ୍ୟାୟ ବ୍ୟବସ୍ଥା ପ୍ରତି ଲୋକଙ୍କ ବିଶ୍ୱାସକୁ ମଜଭୁତ୍ କରିବ। ପୁରୁଣା ମାମଲାର ବୋଝ ମଧ୍ୟ ଏହାଦ୍ୱାରା ହାଲୁକା ହୋଇପାରିବ । ହାଇକୋର୍ଟଙ୍କ ଏଭଳି କାର୍ଯ୍ୟ ନିମ୍ନ ଅଦାଲତଙ୍କ ପାଇଁ ଉଦାହରଣ ଓ ଅନୁକରଣୀୟ ହେବ ବୋଲି ଶ୍ରୀ ମହାପାତ୍ର ଆଶା ବ୍ୟକ୍ତ କରିଛନ୍ତି । ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ଲଲାଟେନ୍ଦୁ ସାମନ୍ତରାୟ ଅବକାଶକାଳୀନ ଅଦାଲତରେ ମାମଲାର ସମାଧାନକୁ ନେଇ ଖୁସବ୍ୟକ୍ତ କରଛନ୍ତି । ବିଚାରପତିମାନେ ମାମଲା ଶୁଣାଣି ପାଇଁ ଅଧିକ ଆଗ୍ରହ ଦେଖାଇବା ଦ୍ୱାରା ଏହା ସମ୍ଭବ ହୋଇପାରିଛି । ଅବକାଶରେ ଅଧିକ ବେଞ୍ଚ୍ ବସିଛି । ବିଚାରପତିମାନଙ୍କ ପ୍ରଚେଷ୍ଟାରେ ଏହା ସମ୍ଭବ ହୋଇଛି । ଏହି ପଦକ୍ଷେପ ଭବିଷ୍ୟତରେ ଆହୁରି ଅଧିକ ମାମଲା ସମାଧାନ ପାଇଁ ରାସ୍ତା ଉନ୍ମୁକ୍ତ କରିବ ବୋଲି ଶ୍ରୀ ସାମନ୍ତରାୟ କହିଛନ୍ତି ।

# ଗୋଟିଏ ଦିନରେ ଦୁଇଟି ପରୀକ୍ଷା

## ଦ୍ୱନ୍ଦ୍ୱରେ ହଜାର ହଜାର ଆଶାୟୀ

କଟକ, ୨୧/୦୬ ନ୍ୟୁଜ ବ୍ୟୁରୋ

ଗୋଟିଏ ଦିନରେ ଦୁଇ ଦୁଇଟି ପରୀକ୍ଷା । ଜୁନ୍ ୨୮ ତାରିଖ ଗୋଟିଏ ଦିନରେ ଓଟିଇଟି ଏବଂ ଓଏସ୍ଏସ୍ଏସ୍‌ସି ପରୀକ୍ଷା ରହିଛି ଯାହାକୁ ନେଇ ଦ୍ୱନ୍ଦ୍ୱରେ ହଜାର ହଜାର ପରୀକ୍ଷାର୍ଥୀ । ରାଜ୍ୟରେ ସରକାରୀ ଚାକିରି ଏବଂ ଶିକ୍ଷକତା କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ପ୍ରସ୍ତୁତି କରୁଥିବା ହଜାର ହଜାର ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଓଡ଼ିଶା ସବ୍-ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ ପକ୍ଷରୁ ଆୟୋଜିତ ହେବାକୁ ଥିବା ଆର.ଆଇ, ଏ.ଆର.ଆଇ, ଆଇସିଡିଏସ୍ ସୁପରଭାଇଜର, ଅମିନ ଏବଂ ଏସ୍ଏଫ୍ଏସ୍ ପଦବୀ ପାଇଁ ନିଯୁକ୍ତି ପରୀକ୍ଷାର ତାରିଖ ପରିବର୍ତ୍ତନ କରାଯାଇ ଜୁନ ୨୮ ତାରିଖକୁ ଧାର୍ଯ୍ୟ କରାଯାଇଛି । ସେହିଦିନ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ବା ଓଟିଇଟି ମଧ୍ୟ ଅନୁଷ୍ଠିତ ହେବ । ତେଣୁ ଉଭୟ ପରୀକ୍ଷା ପାଇଁ ଆବେଦନ କରିଥିବା ପ୍ରାର୍ଥୀ ଏବେ ଦ୍ୱନ୍ଦ୍ୱରେ । ପୂର୍ବରୁ ଓଏସ୍ଏସ୍ଏସ୍‌ସି ପରୀକ୍ଷା ଜୁନ ୨୦ ତାରିଖରେ ହେବାକୁ ସ୍ଥିର ହୋଇଥିଲା । ତେବେ ପ୍ରଶାସନିକ କାରଣରୁ ଏହାକୁ ସ୍ଥଗିତ କରାଯାଇ ଜୁନ ୨୮ ତାରିଖରେ ଆୟୋଜନ କରିବାକୁ ଘୋଷଣା କରାଯାଇଛି । ଏହି ଘୋଷଣା ପରେ ଅନେକ ପ୍ରାର୍ଥୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କାରଣ ସେମାନେ ଦୀର୍ଘଦିନ ଧରି ଉଭୟ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ଏବେ ଗୋଟିଏ ଦିନରେ ଦୁଇଟିଯାକ ପରୀକ୍ଷା ଥିବାରୁ ସେମାନଙ୍କ ମାନସିକ ଦୁଶ୍ଚିନ୍ତା ବଢ଼ିଯାଇଛି। ସରକାର ଏଥିରେ ହସ୍ତକ୍ଷେପ କରି କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ରାୟଗଡା ଜିଲ୍ଲାରେ ୧୧ ବର୍ଷରେ ୫୦ ହଜାର ହେକ୍ଟର ଚାଷଜମି ଗାଏବ୍

ଭୁବନେଶ୍ୱର, ୨୧/୦୬
ନ୍ୟୁଜ ବ୍ୟୁରୋ

ରାୟଗଡ଼ା ଜିଲ୍ଲାରେ ଦିନକୁ ଦିନ ଚାଷ ଜମିର ପରିମାଣ କମିବାରେ ଲାଗିଛି । ହଜାର ହଜାର ହେକ୍ଟର ଜମି ଗାଏବ ହୋଇଯାଇଛି । ଆଇନ ଉଲ୍ଲଂଘନ କରି ପ୍ଲଟିଂ ସ୍କିମରେ ଚାଷ ଜମିକୁ ଘରଡିହ କରି ବିକ୍ରି କରାଯାଉଛି। କୌଣସି ଅନୁମତି ନଥାଇ କୋଟି କୋଟି ଟଙ୍କାରେ ଜମି କାରବାର କରାଯାଉଛି । ରାୟଗଡ଼ା ସହର ଉପକଣ୍ଠ ସାଇପ୍ରିୟା ନଗର ଓ ସାଇଲକ୍ଷ୍ମୀ ନଗର ହେଉଛି ଏହାର ଜ୍ୱଳନ୍ତ ଉଦାହରଣ । ସାଇପ୍ରିୟା ଓ ସାଇଲକ୍ଷ୍ମୀ ନଗର ଅଞ୍ଚଳରେ ପାଖାପାଖି ହଜାରେ ଏକର ଚାଷ ଜମିକୁ ସମତଳ କରି ସେଠାରେ ଘର ନିର୍ମାଣ କରାଯାଇଛି ।

ଶିକ୍ଷାନୁଷ୍ଠାନ, କ୍ଷୁଦ୍ରଶିଳ୍ପ ଓ ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟ ଠିଆ ହୋଇଛି । ପୂର୍ବରୁ ଏହି ଜମିରେ ଧାନ, ଆଖୁ, କପା, ହରଡ଼, ମୁଗ, ବିରି,



କୋଳଥ ଚାଷ କରାଯାଉଥିଲା । ବର୍ତ୍ତମାନ ସମ୍ପୃକ୍ତ ଅଞ୍ଚଳ କଂକ୍ରିଟରେ ପରିଣତ ହୋଇଛି । ଏଭଳି କାରଣରୁ ଗତ ୧୧ ବର୍ଷ ଭିତରେ ଜିଲ୍ଲାର ୫୦ ହଜାର ହେକ୍ଟରରୁ ଅଧିକ ଚାଷ ଜମି ଗାଏବ ହୋଇଯାଇଛି । କୃଷି ବିଭାଗ ନଥିପତ୍ରରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ଯାହାକି ଚିନ୍ତାର ବିଷୟ ପାଲଟିଛି । ସହର ଉନ୍ନୟନ କର୍ତ୍ତୃପକ୍ଷ ପରିସର ବାହାରକୁ ଯାଇ ଗାଁକୁ ସହରରେ ପରିଣତ କଲେଣି । ରାୟଗଡ଼ା ସହର ଉପକଣ୍ଠରେ ଥିବା ହାଲୁଆ ଓ କୋତାପେଟା ପଞ୍ଚାୟତ ରାୟଗଡ଼ା ବ୍ଲକ୍ ଅଧୀନରେ ରହିଛି । ରାୟଗଡ଼ା-କୋରାପୁଟ ଓ ବିଜୟନଗରମ-ଟିଟିଲାଗଡ଼ ରେଳଲାଇନ କଡ଼ରେ ରହିଛି ଏସବୁ ଅଞ୍ଚଳ ।

ଏହା ପାଖରେ ରେଳ ଡିଭିଜନ ମୁଖ୍ୟ କାର୍ଯ୍ୟାଳୟ ସ୍ଥାପନ ପାଇଁ ଯୋଜନା ରହିଛି । ସେହି ସମାନ ଅବସ୍ଥା ରାୟଗଡ଼ା ବ୍ଲକର ଜେକେପୁର, କାଶୀପୁର ବ୍ଲକର ଟିକିରି, ମୁନିଗୁଡ଼ା, ପଦ୍ମପୁର, ଗୁଣପୁର ବ୍ଲକର ବିକ୍ରମପୁର ଓ ବିଷମକଟକରେ ଦେଖିବାକୁ ମିଳିଛି। କୃଷି ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୫ରେ ଜିଲ୍ଲାର ୧ ଲକ୍ଷ ୮୨ ହଜାର ୬୦୪ ହେକ୍ଟର ଜମିରେ ଚାଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ୨୦୧୬ରେ ୧ ଲକ୍ଷ ୮୧ ହଜାର ୩୫୦ ହେକ୍ଟରରୁ ହୋଇଥିଲା ୧ ଲକ୍ଷ ୭୪ ହଜାର ୮୯୦ ହେକ୍ଟରରେ । ୨୦୨୧ ବେଳକୁ ଏହି ଲକ୍ଷ୍ୟ ଖସି ପହଞ୍ଚିଲା ୧ ଲକ୍ଷ ୩୨ ହଜାର ୧୩୦ ହେକ୍ଟରରେ । ଚାଷ କିନ୍ତୁ ହୋଇଥିଲା ୧ ଲକ୍ଷ ୩୦ ହଜାର ୧୮୦ ହେକ୍ଟରରେ । ସେଥିରୁ ମାତ୍ର ୪୬ ହଜାର ୬୩୦ ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା ।

ଚଳିତବର୍ଷ ମଧ୍ୟ ୧ ଲକ୍ଷ ୩୨ ହଜାର ହେକ୍ଟର ଜମିରେ ଚାଷ ଲାଗି କୃଷି ବିଭାଗ ଲକ୍ଷ୍ୟ ରଖିଛି । ଏହି ତଥ୍ୟକୁ ଦେଖିଲେ ଗତ ୩ ବର୍ଷ ମଧ୍ୟରେ ୧୧ ହଜାର ୯୦୦ ହେକ୍ଟର ଜମି ନିଖୋଜ ହୋଇଛି । ଯେଉଁ ଜମି ରେକର୍ଡରେ ମହଜୁଦ ରହିଛି, ସେଠି ଚାଷ ହେଉନି । କେଉଁଠି ଉଚ୍ଚ ଅଟ୍ଟାଳିକା ଠିଆ ହୋଇଛି ତ ଆଉ କେଉଁଠି ଅନ୍ୟ କାର୍ଯ୍ୟରେ ବ୍ୟବହାର ହେଉଛି । ପଞ୍ଚାୟତିରାଜ ବିଭାଗର ତଥ୍ୟ ଅନୁଯାୟୀ, ଗ୍ରାମାଞ୍ଚଳରେ ପ୍ରକଳ୍ପ ନିର୍ମାଣ ପାଇଁ ସରକାର ନିୟମ ଲାଗୁ କରିଛନ୍ତି। ୫୦୦ ବର୍ଗ ମିଟର ବା ୫୩୮୧ ବର୍ଗ ଫୁଟ ଅଞ୍ଚଳରେ ଘର କିମ୍ବା ଅନ୍ୟ ପ୍ରକଳ୍ପ ନିର୍ମାଣ ପାଇଁ ଅନୁମୋଦନ ଆଣିବାକୁ ପଡ଼ିବ । ବ୍ଲକ୍ କାର୍ଯ୍ୟାଳୟରୁ ଅନୁମୋଦନ ଆଣିବା ସହ ନିର୍ଦ୍ଧାରିତ ଫି' ଦାଖଲ କରିବାକୁ ହେବ । ଅଥଚ ଜିଲ୍ଲାର ୧୧ ବ୍ଲକରେ ଜଣେ ହେଲେ ବି ବିଡିଓ ଗୋଟିଏ ବି ପ୍ଲାନ ଅନୁମୋଦନ କରିନାହାନ୍ତି । କୌଣସି ବ୍ୟକ୍ତି କିମ୍ବା ସଂସ୍ଥା ଅନୁମୋଦନ ପାଇଁ ବି ଆବେଦନ କରିନାହାନ୍ତି। ସେହିପରି ବଡ଼ ପ୍ରକଳ୍ପ ନିର୍ମାଣ ପାଇଁ ଓଡ଼ିଶା ରିଅଲ ଇଷ୍ଟେଟ୍ ଆୟୋଗ (ଓରେରା)ରେ ପଞ୍ଜୀକୃତ ହେବାକୁ ପଡ଼ିବ । ଓରେରା ପଞ୍ଜୀକରଣ ନହେଲେ ଅକ୍ୟୁପାନ୍ସି ସାର୍ଟିଫିକେଟ ମିଳିବ ନାହିଁ । ତଥାପି ଏହି ନିୟମକୁ କେହି ପାଳନ ନକରି ମନଇଚ୍ଛା ନିର୍ମାଣ କରିଚାଲିଛନ୍ତି । ଏହାର ଯାଞ୍ଚ ପାଇଁ କୌଣସି ଅଧିକାରୀ ସରକାରୀସ୍ତରରେ ନଥିବା ବେଆଇନ କାରବାରକୁ ବେଶ୍ ସୁହାଉଛି। ଫଳସ୍ୱରୂପ ଗାଁ ଆଡ଼କୁ ସହର ମୁହାଁଉଛି । ଏବେଠୁ ଏସବୁ ରୋକିବା ଆବଶ୍ୟକ ।